# ସୁବର୍ଣ୍ଣରେଖାକୁ ଗିଳି ଦେଲେଣି ବାଲି ମାଫିଆ

ବାଲେଶ୍ୱର, ୨୪।୪(ସମିସ):



- ଏନ୍‌ଜିଟି ରୋକ୍ ପାଇଁ ହୋଇପାରୁନି ନିଲାମ
- ଚେଇଁ ଶୋଇଛି ଖଣି ବିଭାଗ ଓ ପୁଲିସ ପ୍ରଶାସନ

ବାଲେଶ୍ୱର ଜିଲ୍ଲାରେ ରହିଥିବା ନଦୀକୂଳ ଅଞ୍ଚଳରେ ଲଘୁ ଖଣିଜ ମାଫିଆଙ୍କ ପାଇଁ ଏବେ ସାହାଣ ମେଳା ରହିଛି। ପରିବେଶ ସୁରକ୍ଷା ପାଇଁ ବେଆଇନ ବାଲି ଉତ୍ତୋଳନ ଉପରେ ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍ (ଏନଜିଟି) ରୋକ୍ ଲାଗିଥିଲା। ତେଣୁ ରାଜ୍ୟ ସରକାର ଉକ୍ତ ବାଲି ସୈରାତ୍‌ଗୁଡ଼ିକର ନିଲାମୀ କରି ନଥିବା ବେଳେ ଚୋରା କାରବାର ପାଇଁ ରାସ୍ତା ଫିଟି ଯାଇଛି। ବାଲେଶ୍ୱରରେ ପ୍ରବାହିତ ସୁବର୍ଣ୍ଣରେଖାର ବାଲି ଉନ୍ନତ ମାନର ହୋଇଥିବାରୁ ଏହା ରାଜ୍ୟ ସମେତ ପଡ଼ୋଶୀ ରାଜ୍ୟ ପଶ୍ଚିମବଙ୍ଗକୁ ଚୋରା ଚାଲାଣ ଚାଲିଛି। ସୁବର୍ଣ୍ଣରେଖା କୂଳରେ ଥିବା ଅଧିକାଂଶ ଗ୍ରାମରେ ଚୋରା ବାଲି କାରବାର ଏବେ କୁଟୀର ଶିଳ୍ପ ପାଲଟି ଯାଇଛି। ଆଉ ଏସବୁ ଚୋରା କାରବାରକୁ ନ ରୋକି ସ୍ଥାନୀୟ ପୁଲିସ୍ ପ୍ରଶାସନ ଓ ଖଣି ବିଭାଗ ଅଘୋଷିତ ମେଣ୍ଟ କରି କୋଟି କୋଟି ଟଙ୍କାର ରାଜସ୍ୱ ହାନି କରିଚାଲିଛନ୍ତି। ଏବେ ନିର୍ବାଚନୀ କାର୍ଯ୍ୟରେ ପ୍ରଶାସନିକ ଅଧିକାରୀମାନେ ବ୍ୟସ୍ତ ରହିଥିବାରୁ ଏହାର ସୁଯୋଗ ନେଇ ଚୋରା ବାଲି ଉତ୍ତୋଳନ ବଢ଼ିଯିବା ସହ ଦିନ ରାତି ଖୋଲମଖୋଲା କାରବାର ଚାଲିଛି।

ସୂଚନାଯୋଗ୍ୟ, ଜଳେଶ୍ୱର ତହସିଲ ଅନ୍ତର୍ଗତ ସୁବର୍ଣ୍ଣରେଖା ନଦୀରେ ଥିବା ୨୭ଟି ବାଲି ସୈରାତ ରହିଥିବା ବେଳେ ଅଧିକାଂଶ ସୈରାତ୍ ଏନଜିଟି (ଜାତୀୟ ଗ୍ରୀନ୍ ଟ୍ରିବ୍ୟୁନାଲ୍)ରେ ବିଚାରାଧୀନ ରହିଥିବାରୁ ପୁନଃ ନିଲାମୀ ହୋଇପାରିନାହିଁ। ରାଜ୍ୟ ସରକାର ଲଘୁ ଖଣିଜ ଉତ୍ସ ନିଲାମୀରୁ ଜଳେଶ୍ୱର ତହସିଲରୁ ସବୁଠୁ ଅଧିକ ରାଜସ୍ୱ ଆଦାୟ କରୁଥିବା ବେଳେ ଏବେ ବାଲି ମାଫିଆଙ୍କ ପାଇଁ ଅବାଧ ଚାରଣ ଭୂମି ପାଲଟି ଯାଇଛି। ଏ ନେଇ ଜଳେଶ୍ୱର ପୁଲିସ ଠାରୁ ଆରମ୍ଭ କରି ପ୍ରଶାସନିକ ଅଧିକାରୀମାନଙ୍କୁ ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିବା ସତ୍ତ୍ୱେ ପୁଲିସ ପ୍ରଶାସନ ଚେଇଁ ଶୋଇଛି। ଅଭିଯୋଗ ମୁତାବକ ଜଳେଶ୍ୱର ତହସିଲ ଅଧୀନସ୍ଥ ମହମ୍ମଦନଗର ପାଟଣା ଗ୍ରାମ ଠାରୁ ଚାଲନ୍ତି ଗ୍ରାମ ସହ ସଂଲଗ୍ନ ଅଞ୍ଚଳ ମଧ୍ୟରେ ରାଜ୍ୟ ସରକାରଙ୍କ ଦୁଇଟି ବାଲି ସୈରାତ୍ ସେଖସରାଇ(କ) ଓ (ଖ) ରହିଛି। ମହମ୍ମଦ ପାଟଣା ଗ୍ରାମରେ ରାଜ୍ୟ ସରକାରଙ୍କ ଚାରୋଟି ବାଲି ସୈରାତ୍ ମହମ୍ମଦନଗର ପାଟଣା (କ), (ଖ), (ଗ) ଏବଂ (ଘ) ବାଲି ସୈରାତ୍ ରହିଛି। ସେହିପରି ଚାଲନ୍ତି ଗ୍ରାମରେ ଗୋଟିଏ ବାଲି ସୈରାତ୍ ରହିଛି। ପୂର୍ବରୁ ରାଜ୍ୟ ସରକାରଙ୍କ ଦ୍ୱାରା ଉକ୍ତ ୭ଟି ବାଲି ସୈରାତ୍‌କୁ ୨୦୧୫-୨୦୨୦ ପର୍ଯ୍ୟନ୍ତ ଦୀର୍ଘମିଆଦି ଲଘୁ ଖଣିଜ ଲିଜ୍ ପ୍ରଦାନ କରିଥିଲେ। ଉକ୍ତ ୭ଟି ବାଲି ସୈରାତ୍ କାର୍ଯ୍ୟକାଳର ପରିସମାପ୍ତି ଓ ଏନଜିଟି, କୋଲକାତାଙ୍କ କଡ଼ା ଆଭିମୁଖ୍ୟ ପରେ ଅଦ୍ୟାବଧି ରାଜ୍ୟ ସରକାରଙ୍କ ଦ୍ୱାରା କୌଣସି ନିଲାମୀ କରାଯାଇନାହିଁ। ବର୍ତ୍ତମାନ ୭ଟି ବାଲି ସୈରାତ୍‌ରୁ ବାଲି ଖନନ ଓ ପରିବହନ କାର୍ଯ୍ୟ ରାଜ୍ୟ ସରକାରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ବନ୍ଦ ରହିଛି। କିନ୍ତୁ ଏହାର ସୁଯୋଗ ନେଇ ବାଲି ମାଫିଆମାନେ ଦୈନିକ ପରିବେଶ ଆଇନ ଓ ରାଜ୍ୟ ସରକାରଙ୍କ ମାଇନିଂ ନିୟମ ବିରୁଦ୍ଧରେ ଯାଇ ସୁବର୍ଣ୍ଣରେଖା ନଦୀର ଗତିପଥ ମଧ୍ୟରୁ ବେଆଇନ ଭାବେ ୨୦ଟି ଡଙ୍ଗାରେ ବାଲି ଉତ୍ତୋଳନ ଓ ରାତିରେ ବଡ଼ ମେସିନ ଦ୍ୱାରା ବାଲି ଖନନ କରାଯାଇ ଶହ ଶହ ଟ୍ରିପ୍ ଚୋରା ବାଲି ପରିବହନ କରାଯାଉଛି। ବାଲି ଉତୋଳନ କରି ବିଭିନ୍ନ ସ୍ଥାନରେ ଗଚ୍ଛିତ ରଖି ରାତିରେ ବାହାରକୁ ଚୋରା ଚାଲାଣ ଜାରି ରହିଛି। ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କାର ରାଜସ୍ୱ ହାନି ହେଉଥିବା ବେଳେ ସୁବର୍ଣ୍ଣରେଖାର ଗତିପଥ ଉପରେ ପ୍ରଭାବ ପକାଉଛି। ନଦୀବନ୍ଧ ଦୁର୍ବଳ ହେବା ସହିତ ନଦୀକୂଳିଆ ଗ୍ରାମ ପ୍ରତି ଆଗକୁ ବିପଦ ସୃଷ୍ଟି କରିବ ବୋଲି ଅଞ୍ଚଳବାସୀ ଅଭିଯୋଗରେ ଦର୍ଶାଇଛନ୍ତି।

ପ୍ରକାଶ ଥାଉକି, ମହମ୍ମଦନଗର ପାଟଣା ଗ୍ରାମର ଅଜିତ କୁମାର ସାହୁ ବେଆଇନ ବାଲି ଖନନ ଓ ପରିବହନ କାର୍ଯ୍ୟ ତାଙ୍କ ଜାଗାରେ ଉପରେ ଜାରି ରଖିଥିବା ଧରାପଡ଼ିବା ପରେ ଜଳେଶ୍ୱର ତହସିଲଦାରଙ୍କ ଠାରେ ଏକ ଅଣ୍ଡରଟେକିଂ ଲେଖି ପୁଣି ଏହି ବେଆଇନ କାର୍ଯ୍ୟ ଜାରି ରଖିଛନ୍ତି। ସେହିପରି ଗତ ୪/୪/୨୦୨୪ ତାରିଖରେ ମହମ୍ମଦ ନଗର ପାଟଣା ଗ୍ରାମରେ ଜାରିଥିବା ବେଆଇନ ବାଲି ଖନନ ଓ ପରିବହନ ବିରୁଦ୍ଧରେ ଡେପୁଟି ଡାଇରେକ୍ଟର ମାଇନ୍ସ, ଭଦ୍ରକ ସର୍କଲ ଓ ବାଲେଶ୍ୱର ମାଇନିଂ ଅଫିସର ମିଳିତ ଚଢ଼ଉ କରି ମହମ୍ମଦ ନଗର ପାଟଣା ବାଲି ସୈରାତ୍‌ରୁ ଗୋଟିଏ ବଡ଼ ମେସିନ, ଗୋଟିଏ ଡମ୍ଫର, ଦୁଇଟି ଟ୍ରାକ୍ଟର ଜବତ କରି ବଡ଼ ମେସିନ ମାଲିକ ଦର୍ଶାଇଥିବା ବାଲି ମାଫିଆ ଚନ୍ଦନ କୁମାର ନାୟକଙ୍କ ଠାରୁ ଅଣ୍ଡରଟେକିଂ ଲେଖିଥିବା ସତ୍ତ୍ୱେ ପୁନଃ ବେଆଇନ କାର୍ଯ୍ୟ ଜାରି ରଖିଥିବା ସ୍ଥାନୀୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି।

ସୁବର୍ଣ୍ଣରେଖା ନଦୀକୂଳରେ ଥିବା ଶିଖରପୁର, ଚକହରି, ମହମ୍ମଦନଗର ପାଟଣା, ଚାଲନ୍ତି, ବେଣାପୁରା ଆଦି ବାଲି ସୈରାତ୍‌ରୁ ଦୈନିକ ଶହ ଶହ ଟ୍ରିପ୍ ବେଆଇନ ବାଲି ଉତ୍ତୋଳନ ଓ ଚାଲାଣ ହେଉଥିବା ବେଳେ ଏହାକୁ ରୋକିବାରେ ପ୍ରଶାସନର ପଦକ୍ଷେପ ଯଥେଷ୍ଟ ନୁହଁ। ଏଭଳି କୋଟି କୋଟି ଟଙ୍କାର ବେଆଇନ କାରବାର ରୋକିବା ପାଇଁ ବାଲେଶ୍ୱର ଖଣି ବିଭାଗ କାର୍ଯ୍ୟାନୁଷ୍ଠାନ କଠୋର ହେଉ ନଥିବାରୁ ବାଲେଶ୍ୱରରେ ଲଘୁ ଖଣିଜ ଦ୍ରବ୍ୟ ଚୋରା କାରବାର ବଢ଼ିବାରେ ଲାଗିଛି। ଏନେଇ ଡିଡିଏମ୍, ଭଦ୍ରକଙ୍କ କହିବା ଅନୁସାରେ ବେଆଇନ ବାଲି ଉତ୍ତୋଳନ ଚାଲିଥିବା ନେଇ ଅଧିକାଂଶ ସମୟରେ ଅଭିଯୋଗ ହସ୍ତଗତ ହେଉଛି, କିନ୍ତୁ ଏହାକୁ ରୋକିବା ପାଇଁ ଯୋଜନାବଦ୍ଧ ଭାବେ ପଦକ୍ଷେପ ଗ୍ରହଣ କରିବେ ବୋଲି କହିଛନ୍ତି। ତେବେ ପ୍ରଶାସନିକ ଅଧିକାରୀଙ୍କ ଅଣଦେଖା ପାଇଁ ନିର୍ବାଚନୀ ମାହୋଲ ମଧ୍ୟରେ ଦୈନିକ ଲକ୍ଷ ଲକ୍ଷ ଟଙ୍କାର ବାଲି ବାହାର ରାଜ୍ୟ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି। ଜିଲ୍ଲା ପ୍ରଶାସନ ତଥା ଖଣି ବିଭାଗ ଏହି ଚୋରା କାରବାରକୁ ରୋକିବା ପାଇଁ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ କରି ଚଢ଼ାଉ କରିବା ସହିତ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ ସୁବର୍ଣ୍ଣରେଖାର ସ୍ଥିତାବସ୍ଥା ବଜାୟ ରହିବ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି।

## ବିରଳ ପ୍ରଜାତିର ମୃତ ଡଲଫିନ୍ ଉଦ୍ଧାର



ଚନ୍ଦନେଶ୍ୱର, ୨୪।୪(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ସାହାବାଜିପୁର ସୀମା ଆରପଟେ ପଶ୍ଚିମବଙ୍ଗର ଦୀଘା ଅବସ୍ଥିତ। ପଶ୍ଚିମବଙ୍ଗ ଦୀଘା ସମୁଦ୍ର ବେଳାଭୂମିରୁ ଶନିବାର ବିରଳ ପ୍ରଜାତିର ଏକ ମୃତ ଡଲଫିନ୍ ଉଦ୍ଧାର କରାଯାଇଥିଲା। ଡଲଫିନ୍‌ର ଲମ୍ବ ସାଢ଼େ ପାଞ୍ଚ ଫୁଟ, ଓଜନ ୯୫ କିଲୋଗ୍ରାମ। ଡଲଫିନ୍‌ଟି ମରି କୂଳରେ ଲାଗିଥିବା ଦେଖି ସ୍ଥାନୀୟ ବନ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ପରୀକ୍ଷା ନିମନ୍ତେ ସାଇନ୍ସ ସିଟି ଗବେଷଣା କେନ୍ଦ୍ରକୁ ପଠାଇଥିଲେ। ସାଧାରଣତଃ ଏହି ପ୍ରଜାତିର ଡଲଫିନ୍ ସମୁଦ୍ରର ଗଭୀର ଜଳରାଶିରେ ବାସ କରନ୍ତି। ଏମାନଙ୍କ ଶରୀର ରଙ୍ଗ ନୀଳ ବୋଲି ବିଶେଷଜ୍ଞମାନେ ସୂଚନା ଦେଇଛନ୍ତି। ମୃତ ଡଲଫିନ୍‌କୁ ଦେଖିବା ନିମନ୍ତେ ବେଳାଭୂମିରେ ପର୍ଯ୍ୟଟକମାନଙ୍କର ଭିଡ଼ ଲାଗିରହିଥିଲା। ତେବେ ତାହା ଏବେ ଦୀଘା ସାଇନ୍ସ ସିଟି ଗବେଷଣା କେନ୍ଦ୍ରରେ ସଂଗୃହିତ ଅଛି ବୋଲି ସୂଚନା ମିଳିଛି।

## ବନ୍ଧୁକ ଓ ମାରଣାସ୍ତ୍ର ଦେଖାଇ ଲୁଟିନେଲେ ୨୫ଲକ୍ଷର ତାର

ଖଇରା, ୨୪।୪ (ସମିସ): ବାଲେଶ୍ୱର ଜିଲ୍ଲା ଖଇରା ଥାନା ଅଧୀନ କୋଚିଆକୋଇଲି ବିଦ୍ୟୁତ ଷ୍ଟ୍ରକଚର ନିକଟସ୍ଥ ଲେବର କ୍ୟାମ୍ପରେ ନୂତନ ପ୍ରକଳ୍ପ ନିର୍ମାଣ ପାଇଁ ରଖାଯାଇଥିବା ବିଦ୍ୟୁତ ତାର ବଣ୍ଡଲକୁ ଦୁର୍ବୃତ୍ତମାନେ ମଙ୍ଗଳବାର ରାତିରେ ଲୁଟି ନେଇଥିବା ନେଇ ଠିକା କମ୍ପାନୀର ଅଧିକାରୀ ଖଇରା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏବେ ଖଇରା ଠାରୁ ସାରୁଗାଁ ପର୍ଯ୍ୟନ୍ତ ନୂତନ ଭାବେ ୩୩କେଭି ଲାଇନର ନିର୍ମାଣ କାମ ଚାଲିଥିବା ବେଳେ ଏଥିପାଇଁ ତାର (୧୪୮ ଏମ୍‌ଏମ୍ କୋସାଇଟ କଣ୍ଡକ୍ଟର ଡ୍ରମ୍) କୋଚିଆକୋଇଲି ଲେବର କ୍ୟାମ୍ପରେ ରଖାଯାଇଥିଲା। ମଙ୍ଗଳବାର ରାତିରେ ୫ଜଣ ଦୁର୍ବୃତ୍ତ କ୍ୟାମ୍ପରେ ଥିବା ଶ୍ରମିକ ମଙ୍ଗଳ ହେମ୍ବ୍ରମ୍‌ଙ୍କ ମୁଣ୍ଡରେ ବନ୍ଧୁକ ଓ ଭୁଜାଲି ଲଗାଇ ପିକଅପରେ ଉକ୍ତ ତାର ବଣ୍ଡଲକୁ ନେଇ ପଳାଇଥିବା ନେଇ ଅଭିଯୋଗରେ ଉଲ୍ଲେଖ କରାଯାଇଛି। ଉକ୍ତ ତାରର ମୁଲ୍ୟ ୨୫ଲକ୍ଷ ହେବ ବୋଲି କୁହାଯାଉଛି। ଖଇରା ପୁଲିସ ସିସିଟିଭିରୁ ଗାଡି ଚିହ୍ନଟ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

# କଂଗ୍ରେସ ପ୍ରାର୍ଥୀ ହିମାଂଶୁଙ୍କ ପ୍ରଚାର



ଖଇରା, ୨୪।୪ (ସମିସ): ବାଲେଶ୍ୱର ଜିଲ୍ଲା ସିମୁଳିଆ ନିର୍ବାଚନ ମଣ୍ଡଳୀର କଂଗ୍ରେସ ପ୍ରାର୍ଥୀ ହିମାଂଶୁ ଶେଖର ବେହେରା ଖଇରା ବ୍ଲକର ଝିଙ୍କିରିଆ ଓ ସୁଣ୍ଢିରା ପଞ୍ଚାୟତରେ ନିଜର ସମର୍ଥକଙ୍କ ସହ ପଦଯାତ୍ରା ମାଧ୍ୟମରେ ମାରାଥନ ପ୍ରଚାର କରି ଲୋକଙ୍କୁ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ବିଷୟରେ ଅବଗତ କରାଇଛନ୍ତି। ବୁଧବାର ଝିଙ୍କିରିଆ ପଞ୍ଚାୟତର ସିଙ୍ଗିପୁର ଗ୍ରାମକୁ ଯାଇ ବାବା ଭୋଳାନାଥଙ୍କ ଆଶିର୍ବାଦ ନେଇ ପଦଯାତ୍ରାରେ ବିଭିନ୍ନ ଘରକୁ ଯାଇ କଂଗ୍ରେସର ଗ୍ୟାରେଣ୍ଟି କାର୍ଡ ଉପରେ ଭୋଟରକୁ ବୁଝାଇଥିଲେ। ସ୍ଥାନୀୟ କଂଗ୍ରେସ ନେତା ଗୋବିନ୍ଦ ସେଠୀ, ସନ୍ଦିପ ସାହୁ, ସୁନିଲ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ମଙ୍ଗଳବାର ସୁଣ୍ଢିରା ପଞ୍ଚାୟତରେ ଶତାଧିକ କର୍ମୀଙ୍କ ଗହଣରେ ଅନ୍ୟଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଯୁବ କଂଗ୍ରେସ ସଭାପତି ନିରଞ୍ଜନ ପରିଡ଼ା. ଜିଲା ସମ୍ପାଦକ ପ୍ରଫୁଲ୍ଲ କୁମାର ସାହୁ, କୈଳାସ ନାୟକ, ନରହରି ମହାକୁଡ ଉପସ୍ଥିତ ଥିଲେ।

● ମଧ୍ୟାହ୍ନ ଭୋଜନ ଚାଉଳ ବିକ୍ରି ଅଭିଯୋଗ

## ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘେରିଲେ ଗ୍ରାମବାସୀ

ସୋର, ୨୪।୪(ସମିସ): ସୋର ବ୍ଲକ ମଧୁସୂଦନପୁର ପଞ୍ଚାୟତ ବୁଡ଼େଇ ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ପିଲାଙ୍କ ଚାଉଳ ବିକ୍ରି କରୁଥିବା ଅଭିଯୋଗରେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଗ୍ରାମବାସୀମାନେ ଘେରିବା ପରେ ଅଧା ରାସ୍ତାରୁ ଚାଉଳ ଫେରି ସ୍କୁଲ ପରିସରରେ ଥିବା ଜଣାପଡ଼ିଛି। ସୂଚନା ଅନୁସାରେ ଆସନ୍ତା କାଲିଠାରୁ ସ୍କୁଲ ଛୁଟି ପଡୁଥିବାରୁ ଆଜି ସ୍କୁଲର କେତେକ ପିଲାଙ୍କୁ ଚାଉଳ ବଣ୍ଟନ କରାଯାଇଥିଲା। ପରେ ଏକ ଟ୍ରଲିରେ ୧୦ ବସ୍ତା (୫ କ୍ୱିଣ୍ଟାଲ) ଚାଉଳ ନିକଟସ୍ଥ କଣ୍ଟ୍ରୋଲ ଡିଲର ବୁଦ୍ଧିରାମ ଦାସଙ୍କ ନିକଟକୁ ପଠାଉଥିବା ଅଭିଯୋଗ ହୋଇଥିଲା। ଏହି ସମୟରେ କିଛି ଗ୍ରାମବାସୀ ଅଧା ରାସ୍ତାରେ ଚାଉଳ ବୋଝେଇ ଟ୍ରଲିକୁ ଅଟକ ରଖି ପଚରାଉଚୁରା କରିବା ସହିତ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ଘେରିଥିଲେ। ପରେ ଚାଉଳ ଟ୍ରଲି ସ୍କୁଲକୁ ଫେରିଥିଲା। ଏ ନେଇ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚରା ଯିବାରୁ ସ୍କୁଲ ଛୁଟି କାରଣରୁ ଚାଉଳକୁ ସୁରକ୍ଷିତ ରଖିବା ପାଇଁ ଡିଲର ପାଖକୁ ପଠାଉଥିବାର ସଫେଇ ଦେଇଥିଲେ। ବିଇଓ ନାରାୟଣ ଦାସଙ୍କ ପଚାରିବାରେ ସେ କହିଛନ୍ତି ଯେ ସେମିତି କୌଣସି ନିର୍ଦ୍ଦେଶ ନଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ନିଜ ମନଇଚ୍ଛା ଏମିତି ଅନିୟମିତ କାର୍ଯ୍ୟ କରିଥିବା ଅଭିଯୋଗ ହୋଇଛି। ଏ ବାବଦରେ ତଦନ୍ତ କରିବା ପରେ ଯାହା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ।



## ୨ କୋଟି ଠକେଇ, ବ୍ୟବସାୟୀ ଗିରଫ

ସୋର, ୨୪।୪(ସମିସ): ବିଭିନ୍ନ ପ୍ରକାର ଆଳ ଦେଖାଇ ଜଣେ ବ୍ୟବସାୟୀ ସୋର ଅଞ୍ଚଳର ବିଭିନ୍ନ ଲୋକଙ୍କଠାରୁ ଚାକିରି କରେଇ ଦେବା ନାମରେ ୨ କୋଟି ୧୬ ଲକ୍ଷ ଟଙ୍କା ଠକେଇ କରିଥିବା ଅଭିଯୋଗ ରେ ସୋର ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ନେଇ ପୁଲିସ ପକ୍ଷରୁ ସନ୍ଧ୍ୟାରେ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। ସୂଚନା ଅନୁସାରେ ସୋର ଥାନା ମାଣତ୍ରୀ ପଞ୍ଚାୟତ ମାଣତ୍ରୀ ଗ୍ରାମର ରମେଶ ଚନ୍ଦ୍ର ପାଢ଼ୀ ଗତ ୨୦୧୯ ମସିହାରେ ସୋର ଥାନା ସାଜନପୁର ପଞ୍ଚାୟତ ଚପରପଦା ଗ୍ରାମର ସଞ୍ଜୟ କୁମାର ପଣ୍ଡା ଓ ତାଙ୍କର



୨୨ ଜଣ ସାଥୀଙ୍କୁ ବ୍ୟାଙ୍କରେ ଚାକିରି କରାଇଦେବାର ଆଳ ଦେଖାଇ ପ୍ରତ୍ୟେକଙ୍କ ଠାରୁ ୩ ଲକ୍ଷ ଲେଖାଏଁ ଟଙ୍କା ନେଇଥିଲେ। କିଛିଦିନ ପରେ ଚାକିରି ମିଳିବାର କୌଣସି ସୂଚନା ନମିଳିବାରୁ ଶ୍ରୀ ପଣ୍ଡା ଓ ତାଙ୍କର ସାଥୀମାନେ ରମେଶଙ୍କୁ ଧରିବାରୁ ସେ ହାଇକୋର୍ଟ ରେ ଦ୍ୱାରସ୍ଥ ହୋଇଥିଲେ। ପରେ ଏ ବାବଦରେ କୌଣସି ବିଜ୍ଞାପନ ଆସିନଥିବା ବ୍ୟାଙ୍କ ପକ୍ଷରୁ ସୂଚନା ପାଇବା ପରେ ଶ୍ରୀ ପଣ୍ଡାଙ୍କ ସମେତ ଅନ୍ୟ ସାଥୀମାନେ ଠକେଇର ଶିକାର ହୋଇଥିବା ଜାଣିପାରି ସୋର ଥାନାରେ ଦ୍ୱାରସ୍ଥ ହୋଇଥିଲେ। ସେହିଭଳି ଭାବେ ସୋର ଅଞ୍ଚଳର ସୁଶାନ୍ତ କୁମାର ଦାସଙ୍କ ଠାରୁ ୨୦୧୫ ମସିହାରେ କିରୋସିନ ଡିଲରସିପ୍ କରାଇଦେବାର ଆଳ ଦେଖାଇ ୫୮ ଲକ୍ଷ ଟଙ୍କା ଠକିଥିବା ଶ୍ରୀ ଦାସ ଥାନାରେ ଦ୍ୱାରସ୍ଥ ହୋଇଥିଲେ। ପରେ ପୁଲିସ ଅଭିଯୋଗ ମୂଳେ ୩୬୦/୨୪ ରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିବା ସହିତ ରମେଶଙ୍କୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରିଥିଲେ। ଗତକାଲି ବିଳମ୍ବିତ ରାତିରେ ପୁଲିସ ତାଙ୍କୁ ଭଦ୍ରକ ଅଞ୍ଚଳରୁ ଗିରଫ କରି ଆଜି ଅପରାହ୍ଣରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତ ରମେଶଙ୍କ ନାମରେ ସୋର ଥାନାରେ ୯ ଟି ଓ କେନ୍ଦୁଝର ଟାଉନ ଥାନାରେ ଗୋଟିଏ ଠକେଇ ମାମଲା ଥିବା ବାଲେଶ୍ୱର ଏସ୍‌ଡିପିଓ ଡ. ଶଶାଙ୍କ ଶେଖର ବେଉରା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀ ରେ ଆଇଆଇସି ପ୍ରଭାଂଶୁ ଶେଖର ମିଶ୍ର ଉପସ୍ଥିତ ଥିଲେ।

# 'ଶବ୍ଦ କୁଞ୍ଜ'ର ସ୍ୱନକ୍ଷତ୍ର ଦିବସ ପାଳିତ



ବଲରାମପୁର, ୨୪।୪(ସମିସ) : ସାହିତ୍ୟ ସାଧନା ପ୍ରତ୍ୟେକ ବ୍ୟକ୍ତିଙ୍କ ଜୀବନରେ ଏକ ଅପରିହାର୍ଯ୍ୟ ଆବଶ୍ୟକତା। ସାହିତ୍ୟ ସାଧନା ଜଣେ ବ୍ୟକ୍ତିକୁ ତା'ର ପରିଚୟ ସୃଷ୍ଟି କରିବାରେ ସାହାଯ୍ୟ କରେ ବୋଲି ବୁଧବାର ଚଉମୁଖ ସମୁଦ୍ର ବେଳାଭୂମିରେ ଶବ୍ଦକୁଞ୍ଜର ଷଷ୍ଠ ତମ ସ୍ୱନକ୍ଷତ୍ର ଦିବସ ପାଳନ ଅବସରରେ ଅତିଥିମାନେ ଯୋଗ ଦେଇ ଉପରୋକ୍ତ ମତବ୍ୟକ୍ତ କରିଛନ୍ତି। ପୂର୍ବତନ ଡିଆଇ ତଥା ବିଶିଷ୍ଟ ଖ୍ୟାତି ସମ୍ପନ୍ନ ଲେଖକ ସୁବାସ ଚନ୍ଦ୍ର ଚୌଧୁରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବରେ ବିଶିଷ୍ଟ ଶିକ୍ଷାବିତ୍ ତଥା ସୁ ସାହିତ୍ୟିକ ଅଧ୍ୟାପକ ଡ. ସୁକାନ୍ତ କୁମାର ଗିରି, ମୁଖ୍ୟବକ୍ତା ଭାବେ ବରିଷ୍ଠ ଶିକ୍ଷକ ଓ ଶିଶୁ ସାହିତ୍ୟିକ ନଳିନୀକାନ୍ତ ପାଢ଼ୀ, ସମ୍ମାନିତ ଅତିଥି ଉତ୍କଳ ସମ୍ମିଳନୀ ବାଲିଆପାଳ ଶାଖା ସମ୍ପାଦକ ସନ୍ୟାସୀ ବେହେରା, ଓଡାନ ରାଜ୍ୟ ସାଧାରଣ ସମ୍ପାଦକ ସଦାଶିବ ସେଠୀ, ପ୍ରାକ୍ତନ ଅଧ୍ୟାପକ ବୀର ମାଧବ ଦାସ, ସାହିତ୍ୟ ସହର ସମ୍ପାଦକ ଗୋପାଳ କୃଷ୍ଣ ବିଶ୍ୱାଳ ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଆଧୁନିକ ଯୁଗରେ ମାତୃଭାଷା ଓ ସାହିତ୍ୟର ଆଦର ସମାଜରେ ଧିରେ ଧିରେ କମିଯାଉଥିବା ସମୟରେ ଶବ୍ଦକୁଞ୍ଜ ଭଳି ସାହିତ୍ୟ ଅନୁଷ୍ଠାନର ଆବଶ୍ୟକତା ରହିଛି ବୋଲି ଅତିଥିମାନେ ମଧ୍ୟ କହିଥିଲେ। ସାହିତ୍ୟ ସାଧନା କେବଳ କବି ବା ଲେଖକ ତିଆରି କରେ ନାହିଁ, ନିଜର ପରିଚୟ ମଧ୍ୟ ସୃଷ୍ଟି କରିପାରେ। ଶବ୍ଦ କୁଞ୍ଜ ର ପ୍ରତିଷ୍ଠାତା କାର୍ତ୍ତିକ ସେଠୀ ସ୍ୱାଗତ ଭାଷଣ ଏବଂ ବିବରଣୀ ପ୍ରଦାନ କରିଥିବା ବେଳେ ଚଉମୁଖ ର କୁନି ଗାୟିକା ଶୁଭଶ୍ରୀ ବାରିକ୍, କ୍ରିଷ୍ଣାରାଣୀ ପ୍ରଧାନ, ରାଜଶ୍ରୀ ବାରିକ ପ୍ରମୁଖ ପ୍ରାରମ୍ଭିକ ସଙ୍ଗୀତ ଗାନ କରି ଥିଲେ। ସାହିତ୍ୟରେ ବିଶେଷ ଅବଦାନ ପାଇଁ ରାଉରକେଲା ର କବି ମନୋଜ କୁମାର ଭୋଇ, ରଙ୍କନିଧି ସେଠୀ, ମନୋଜ କୁମାର ପ୍ରଧାନ, ରବୀନ୍ଦ୍ର ଦତ୍ତ ପ୍ରମୁଖଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ରବୀନ୍ଦ୍ର ନାଥ ପାତ୍ର, ବସୁମତୀ ସେଠୀ, ପୂର୍ଣ୍ଣ ଇନ୍ଦୁ ହାଜିରା ପ୍ରମୁଖ ଏହାକୁ ପରିଚାଳନା କରିଥିଲେ।

କୃଷ୍ଣ ସୁକୁରୀ କନ୍ୟାଶ୍ରମର ଗୁମର ଖୋଲୁଛି

# ଟଙ୍କା ନେଇ ୧୮ ଜଣଙ୍କୁ ନିଯୁକ୍ତି ପରେ ବହିଷ୍କାର ଅଭିଯୋଗ

ନୀଳଗିରି, ୨୪।୪(ସମିସ):

ନୀଳଗିରି ବ୍ଲକ ଅନ୍ତର୍ଗତ ଧୋବାଶିଳା ଗ୍ରାମ ପଞ୍ଚାୟତରେ ଥିବା କୃଷ୍ଣ ସୁକୁରୀ କନ୍ୟାଶ୍ରମରେ ଅନିୟମିତତା ହୋଇଥିବାର ଅଭିଯୋଗ ପରେ ଅଞ୍ଚଳ ବାସୀ ଭିଜିଲାନ୍ସ ଓ ଉଚ୍ଚ ବିଭଗୀୟ ଅଧିକାରୀଙ୍କୁ ଅଭିଯୋଗ କରି ତଦନ୍ତ ଦାବି କରିଥିଲେ। ଗତ ଦୁଇ ମାସ ତଳେ ବାଲେଶ୍ୱର ଜିଲ୍ଲା ଶିଶୁ ସୁରକ୍ଷା କମିଟି ପହଞ୍ଚି କାଗଜ ପତ୍ର ଯାଞ୍ଚ କରି ଫେରିଥିବା ବେଳେ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ଜଣାପଡ଼ିଛି। ସୂଚନା ଆଇନ ବଳରେ ମିଳିଥିବା ତଥ୍ୟ ମୁତାବକ, ୨୦୧୪ ଓ ୨୦୧୫ ମସିହାରେ ୧୯ ଜଣଙ୍କୁ ଚାକିରି ଦିଆଯାଇ ୨୦୧୮ ମସିହାରେ ୧୮ ଜଣଙ୍କୁ ବହିଷ୍କୃତ କରାଯାଇଛି। ମୋଟା ଅଙ୍କର ଅର୍ଥ ନେଇ ନିଯୁକ୍ତି ଦିଆଯାଇ ପରବର୍ତ୍ତୀ ସମୟରେ ୧୮ ଜଣଙ୍କୁ ଚାକିରିରୁ ବହିଷ୍କୃତ କରାଯାଇଥିଲା। ଏଥିରେ ଚାପ ଦିଆଯାଇ ନିଜେ ନିଜେ ସ୍ୱଇଚ୍ଛାରେ ଇସ୍ତଫା ଦେଉଛୁ ବୋଲି କନ୍ୟାଶ୍ରମ ପକ୍ଷରୁ ଜୋର ଜବରଦସ୍ତ କରି ଲେଖା ନେଇଛନ୍ତି ବୋଲି ଏହି ବହିଷ୍କୃତ ୧୮ ଜଣ ଅଭିଯୋଗ ଆଣିଛନ୍ତି। ସେମାନେ ହେଲେ ଡାଟା ଏଣ୍ଟ୍ରି ଅପରେଟର ପଦବୀରେ ରଶ୍ମିତା ମିଶ୍ର, ସଂଗ୍ରାମ କେଶରୀ ସ, ତ୍ରିଲୋଚନ ଦାସ, ହେଲ୍ପର ପଦବୀରେ ସରସ୍ୱତୀ କର, ହାଉସ କିପର୍ ପଦବୀରେ ସୁଲୋଚନା ନାୟକ, ଉଷାମଣି ମଲ୍ଲିକ, ୱାଚମେନ ପଦବୀରେ ଦୟାନିଧି ମଲ୍ଲିକ, ସୀମାରାଣୀ ମହାଳିକ, ଟିଉଟର ପଦବୀରେ ପ୍ରଦୀପ କୁମାର ସ, ଶୋଭନା ସାହୁ, ରଶ୍ମିରଞ୍ଜିତା ପ୍ରଧାନ, ଉମାକାନ୍ତ ଜେନା, ମଞ୍ଜୁଲତା ସ, ବିଶ୍ୱଜିତ ଦାସ, ମ୍ୟୁଜିକ ପଦବୀରେ ପୁଷ୍ପିତା ପ୍ରଧାନ, ଖେଳ ଶିକ୍ଷୟିତ୍ରୀ ଭାବେ ମନ୍ଦାକିନୀ ରାଉତ, ଡ୍ରାଇଭର ପଦବୀରେ ସଞ୍ଜୀବ କୁମାର ସ ଏବଂ ହାଉସ ମଦର ପଦବୀରେ ହରପ୍ରିୟା ରାଉତ।

ହସ୍ତଗତ ତଥ୍ୟ ଅନୁଯାୟୀ, ଏହି ଆଶ୍ରମଟି ୧୯୮୬ ମସିହାରେ ସ୍ଥାପିତ ହୋଇଥିଲା। ସୂଚନା ଆଇନ ବଳରେ ୨୦୦୫ ମସିହାରେ ହସ୍ତଗତ ହୋଇଥିବା ତଥ୍ୟ ରୁ ଜଣା ପଡ଼ିଛି ଏହି ଆଶ୍ରମରେ ନିରୀହ ମାତୃ, ପିତୃ ହୀନ ଏବଂ ଅନ୍ୟାନ୍ୟ ଅସହାୟ ପିଲା ରହୁଥିବା ସହିତ ଆଦିବାସୀ, ଦଳିତ, ନିରୀହ ସରଳ କୁନି କୁନି ବାଳିକା ପିଲା ମାନେ ଆଶ୍ରମର ଅନ୍ତେ ବାସିନ୍ଦା ଅଟନ୍ତି। ବିଭିନ୍ନ ସମୟରେ ଆଶ୍ରମରେ ଥିବା ପିଲାମାନଙ୍କୁ ମେନୁ ଅନୁଯାଇ ଖାଇବାକୁ, ପିନ୍ଧିବାକୁ ନ ଦେବା, ସେମାନଙ୍କ ସ୍ୱାସ୍ଥ୍ୟ ଖରାପ ହେଲେ ସଠିକ୍ ଯତ୍ନ ନ ନେବା, ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଆଶ୍ରମରେ ରହୁଥିବା ପିଲାମାନଙ୍କୁ ମେନୁ ଅନୁଯାୟୀ ଖାଦ୍ୟ ପ୍ରଦାନ କରାଯାଉ ନ ଥିବାରୁ ସେମାନଙ୍କର ରକ୍ତ ହୀନତା ଓ ସ୍ୱାସ୍ଥ୍ୟ ଗତ ସମସ୍ୟା ଦେଖା ଦେବା ଜଣାପଡ଼ିଛି। ଆଶ୍ରମର ସମ୍ପାଦିକା ସୁଶୀଳା ସ ଓ ସୁପରିଟେଣ୍ଡେଣ୍ଟ ରେଣୁବାଳା ନାୟକ କାହା ଆଗରେ କୌଣସି ତଥ୍ୟ ପ୍ରକାଶ ନ କରିବା ପାଇଁ ଧମକ ଚମକ ଦେଇ ପିଲାମାନଙ୍କୁ ତାଗିଦ କରାଯାଉଛି। ଆଶ୍ରମର ନିୟମ ଅନୁସାରେ ପ୍ରତି ତିନି ବର୍ଷରେ ଥରେ ସମ୍ପାଦିକାଙ୍କ ପଦବୀ ଟି ଇଲେକ୍ସନ ଦ୍ୱାରା ଚୟନ କରାଯିବାର ନିୟମ ଥିଲେ ମଧ୍ୟ ଏହାକୁ ଭୃକ୍ଷେପ ନକରି ଆଶ୍ରମ ସ୍ଥାପନ ଠାରୁ ସୁଶୀଳା ସଙ୍କ ବୟସ ଏବେ ୭୭ ବର୍ଷ ହୋଇଥିଲେ ସୁଦ୍ଧା ସମ୍ପାଦିକା ଭାବେ ଅଦ୍ୟାବଧି କେଉଁ ଆଧାରରେ ରହିଅଛନ୍ତି ତାହା ସମସ୍ତଙ୍କୁ ତାଜୁବ କରିଛି। ବହିଷ୍କୃତ ଡାଟା ଏଣ୍ଟ୍ରି ଅପରେଟର ରଶ୍ମିତା ମିଶ୍ରଙ୍କ ଘର ଗୋପୀନାଥ ପୁର ଗ୍ରାମରେ ହୋଇଥିବା ବେଳେ ଇସ୍ତଫା ପତ୍ରରେ କେରାଟପଡ଼ିଆ ଦର୍ଶାଯାଇଛି। ଠିକ ସେହିଭଳି ସଂଗ୍ରାମ କେଶରୀ ସ ସମ୍ପାଦିକାଙ୍କ ନାତି ହୋଇଥିବା ବେଳେ ତାଙ୍କର ବୟସ ୧୮ ବର୍ଷ ବୟସ ହୋଇ ନଥିଲେ ମଧ୍ୟ ନିଯୁକ୍ତି ଦିଆ ଯାଇଥିଲା। ୨୦୧୮ ମସିହା ପର୍ଯ୍ୟନ୍ତ ସରକାରଙ୍କ ନିଯୁକ୍ତି ନିୟମକୁ ଉଲଂଘନ କରି ସମ୍ପାଦିକା ଶ୍ରୀମତୀ ସ ଉକ୍ତ ଆଶ୍ରମ ପାଇଁ ଆବଶ୍ୟକ ବିଭିନ୍ନ ପଦ, ପଦବୀ ରେ ଶିକ୍ଷାଗତ ଯୋଗ୍ୟତା ନ ଥିଲେ ମଧ୍ୟ ପ୍ରିୟା ପ୍ରୀତି ପୋଷଣ କରି ନିଜ ପରିବାରର ୯ ଜଣ ଓ ସମ୍ପର୍କୀୟ ମାନଙ୍କୁ ନିଯୁକ୍ତି ଦେବା ଓ ଆଶ୍ରମର ଆବଶ୍ୟକ ଥିବା ପଦବୀ ଠାରୁ ଅଧିକ ବେଆଇନ ଭାବେ ନିଯୁକ୍ତି ଦେଇ ପରବର୍ତ୍ତୀ ସମୟରେ ଚାକିରିରୁ ବହିଷ୍କୃତ କରିବା, ସରକାର ଅର୍ଥକୁ ଦୀର୍ଘ ବର୍ଷ ଧରି ଆତ୍ମସାତ କରିବା କୁ ନେଇ ଅଞ୍ଚଳ ବାସୀ ଙ୍କ ପକ୍ଷରୁ ତୀବ୍ର ନିନ୍ଦା କରାଯାଇଛି। ସମସ୍ତ ଅନିୟମିତତାର ଭିଜିଲାନ୍ସ ତଦନ୍ତ ସହିତ ବାଲେଶ୍ୱର ଜିଲ୍ଲାପାଳ, ମୁଖ୍ୟଶାସନ ସଚିବ, ୫-ଟି ଅଧ୍ୟକ୍ଷ, ମହିଳା ଓ ଶିଶୁ ବିକାଶ ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଦୃଷ୍ଟି ଦେବାକୁ ଅଞ୍ଚଳ ବାସୀ ଦାବି କରିଛନ୍ତି। କାର୍ଯ୍ୟାନୁଷ୍ଠାନ ନହେଲେ ଗ୍ରାମବାସୀ ରାଜ ରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।





# ୫ ନଂ. ୱାର୍ଡରେ ବିଜେଡିର ଘରକୁ ଘର ଶଙ୍ଖ ଅଭିଯାନ

ବାଲେଶ୍ୱର, ୨୪।୪(ସମିସ):

ଚଳିତ ନିର୍ବାଚନ ପାଇଁ ସଦର ନିର୍ବାଚନମଣ୍ଡଳୀର ବିଜୁ ଜନତା ଦଳ ପକ୍ଷରୁ ପ୍ରଚାର ଅଭିଯାନ ଜୋରଦାର ହୋଇଛି। ଏହି କ୍ରମରେ ବାଲେଶ୍ୱର ସହରର ବିଭିନ୍ନ ୱାର୍ଡସ୍ତରରେ ଘରେ ଘରେ ଶଙ୍ଖ ଅଭିଯାନ ମାଧ୍ୟମରେ ଉଭୟ ଲୋକସଭା ଓ ବିଧାନସଭା ଆସନ ପାଇଁ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବା ପାଇଁ ନିବେଦନ କରିଛନ୍ତି ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଓ ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ୨୪ବର୍ଷର ସୁଶାସନ ସହିତ ପ୍ରତ୍ୟେକ ବର୍ଗର ଜନସାଧାରଣଙ୍କ ପାଇଁ ରାଜ୍ୟ ସରକାରଙ୍କ କଲ୍ୟାଣକାରୀ ଯୋଜନା ବିଷୟରେ ସେମାନେ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରାଇଥିଲେ। ନବୀନ ବାବୁଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରାଇବା ନିମନ୍ତେ ସେମାନେ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ। ଅନ୍ୟପକ୍ଷରେ ବାଲେଶ୍ୱର ଲୋକସଭା ଆସନରେ ପ୍ରଥମ ଥର ପାଇଁ ଜଣେ ମହିଳାଙ୍କୁ ପ୍ରାର୍ଥୀ କରାଯାଇଥିବାରୁ ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ସମର୍ଥନ ଜଣାଇ ଜନସାଧାରଣ ଶ୍ରୀମତୀ ସାମନ୍ତସିଂହାରଙ୍କୁ ବିପୁଳ ଭୋଟରେ ଜିତାଇବେ ବୋଲି ବିଧାୟକ ଶ୍ରୀ ଦାସ ଆଶା ପ୍ରକାଶ କରିଛନ୍ତି। ଆସନ୍ତା ଜୁନ ୧ତାରିଖରେ ବାଲେଶ୍ୱରରେ ହେବାକୁ ଥିବା ନିର୍ବାଚନରେ ଉଭୟ ସାଂସଦ ଏବଂ ବିଧାୟକ ପ୍ରାର୍ଥୀଙ୍କୁ ଦୁଇଟି ଶଙ୍ଖ ଚିହ୍ନରେ ଭୋଟ ଦେବାକୁ ଶ୍ରୀ ଦାସ ନିବେଦନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ କାଉନସିଲର ମିତା



ପଟ୍ଟନାୟକଙ୍କ ନେତୃତ୍ୱରେ ଦୁଇ ପ୍ରାର୍ଥୀଙ୍କ ସହ ଆମ ଓଡ଼ିଶା ନବୀନ ଓଡ଼ିଶା ଜିଲ୍ଲା ସଂଯୋଜକ ରଞ୍ଜନ ବାଗ, ପୌର ଉପାଧ୍ୟକ୍ଷ କୈଳାସ ସେଠୀ, ପୂର୍ବତନ ପୌର ଉପାଧ୍ୟକ୍ଷ ମନୋଜ ରାଉତ, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ସତ୍ୟରଞ୍ଜନ ଦାସ, ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, ଟାଉନ ଯୁବ ସଭାପତି ଉମାଶଙ୍କର ତିଆଡି, ୫ନଂ ୱାର୍ଡ ସଭାପତି ଦେବାଶିଷ ଦାଶ, ମହିଳା ନେତ୍ରୀ ରାଜଲକ୍ଷ୍ମୀ ଚାଟାର୍ଜୀ ପ୍ରମୁଖ ସାମିଲ ହୋଇଥିଲେ।

### ସଦର ବ୍ଲକ କୁରାଢ଼ିଆ ପଞ୍ଚାୟତରେ ବିଜେଡିର ମିଶ୍ରଣ ପର୍ବ

# ବିଜେଡିରେ ମିଶିଲେ ୨୦୦ରୁ ଅଧିକ ବିଜେପି କର୍ମୀ



ବାଲେଶ୍ୱର, ୨୪।୪(ସମିସ):

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ କୁରାଢିଆ ପଞ୍ଚାୟତର ପରମାନନ୍ଦପୁର ଗ୍ରାମରେ ବିଜୁ ଜନତା ଦଳ ପକ୍ଷରୁ ଏକ ବିଶାଳ ମିଶ୍ରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପଞ୍ଚାୟତର ସଭାପତି ତଥା ବରିଷ୍ଠ ଆଇନଜୀବୀ ଗୌରୀଚନ୍ଦ୍ର ବାରିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଜେଡି ସାଂସଦ ପ୍ରାର୍ଥିନୀ ଲେଖାଶ୍ରୀ ସାମନ୍ତସିଂହାର ଏବଂ ବିଧାୟକ ପ୍ରାର୍ଥୀ ସ୍ୱରୂପ କୁମାର ଦାସ ଯୋଗଦେଇ ସମସ୍ତ ନବାଗତଙ୍କୁ ଦଳକୁ ସ୍ୱାଗତ କରିଥିଲେ। ବିଶେଷ କରି ବିଜେପି ଦଳ ପରିତ୍ୟାଗ କରି କୁରାଢିଆ ପଞ୍ଚାୟତର ୱାର୍ଡ ସଭ୍ୟା ଅନୁପମା ମହାଲିକଙ୍କ ନେତୃତ୍ୱରେ ଗୟାଧର ମହାଲିକ, ପାଗୁଲୁ ମହାଲିକ, ପିସି ମହାଲିକଙ୍କ ସହ ଦୁଇଶହରୁ ଅଧିକ କର୍ମୀ ବିଜୁ ଜନତା ଦଳରେ ସାମିଲ ହୋଇଥିଲେ। ପୂର୍ବରୁ ବିଜେପି ସମର୍ଥିତ ସମିତି ସଭ୍ୟ ରାଜକିଶୋର ମହାଲିକ ଦଳ ଛାଡି ବିଜେଡିରେ ଯୋଗଦେଇଥିଲେ। ତାଙ୍କ ନେତୃତ୍ୱରେ ଆଜି ଉକ୍ତ ପଞ୍ଚାୟତର ଶତାଧିକ କର୍ମୀ ବିଜେପି ଛାଡି ବିଜେଡିରେ ଯୋଗ ଦେଇଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ, ବିଜେପି ଦଳ ପକ୍ଷରୁ ସେ କୁରାଢ଼ିଆ ପଞ୍ଚାୟତର ସମିତି ସଭ୍ୟ ଥିଲେ। ହେଲେ ତାଙ୍କୁ କୌଣସି କାର୍ଯ୍ୟରେ ପଚରା ଯାଉନଥିବା ବେଳେ ବିଜେପିର ଅନ୍ୟାୟ ଅତ୍ୟାଚାର ଦିନକୁ ଦିନ ବୃଦ୍ଧି ପାଉଥିଲା। ଏପରିକି ତାଙ୍କୁ କୁକୁର ଭଳି ବ୍ୟବହାର କରାଯାଉଥିବା ବେଳେ କୌଣସି କାର୍ଯ୍ୟରେ ପଚରାଯାଉନଥିଲା। ଏପରିକି ବିଜେପି ତାଙ୍କୁ କିକ୍ ମାରି ବିଦା କରିଛି। ଫଳରେ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହେବା ସହ ପଞ୍ଚାୟତବାସୀଙ୍କ ସେବା କରିବା ଲକ୍ଷ୍ୟରେ ସେ ବିଜେପି ଛାଡି ବିଜେଡିରେ ଯୋଗଦେଇଛନ୍ତି। ଏଣୁ ଶେଷ ନିଶ୍ୱାସ ଥିବା ପର୍ଯ୍ୟନ୍ତ ବିଜେଡିରେ ରହି ଲୋକଙ୍କ ସେବା କରିବି ବୋଲି କହିଛନ୍ତି। ତାଙ୍କ ନେତୃତ୍ୱରେ ଆଜି ବହୁ ବିଜେପି କର୍ମୀ ଦଳ ଛାଡି ବିଜେଡିରେ ଯୋଗଦେଇଛନ୍ତି।

ଏହି ମିଶ୍ରଣ କାର୍ଯ୍ୟକ୍ରମରେ ବିଧାୟକ ଶ୍ରୀ ଦାସ କହିଥିଲେ ଯେ, ମୁଖ୍ୟମନ୍ତ୍ରୀ ଗ୍ରାମାଂଚଳର ବିକାଶ ପାଇଁ ବିଭିନ୍ନ ପ୍ରକାର ଯୋଜନା କରିଛନ୍ତି। ଗାଁକୁ ରାସ୍ତା ସାଙ୍ଗକୁ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ଆଦି ବିଭିନ୍ନ କ୍ଷେତ୍ରରେ ଉନ୍ନତିମୂଳକ କାର୍ଯ୍ୟ କରୁଛନ୍ତି। ଏପରିକି ଗାଁକୁ କାମ ମା'କୁ ସମ୍ମାନ କ୍ଷେତ୍ରରେ ମଧ୍ୟ କାର୍ଯ୍ୟ କରୁଛନ୍ତି। ଏପରିକି ମହିଳାମାନଙ୍କୁ ଅଧିକ ସଶକ୍ତିକରଣ କରିବା ପାଇଁ ମିଶନ ଶକ୍ତି ଠାରୁ ଆରମ୍ଭ କରି ଏସଏସଜି ଗ୍ରୁପ ଜରିଆରେ ସ୍ୱାବଲମ୍ବୀ କରୁଛନ୍ତି। ଏହାବ୍ୟତିତ ଛାତ୍ରଛାତ୍ରୀମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଛାତ୍ରବୃତ୍ତି ପ୍ରଦାନ, ଗୋଟିଏ ପଞ୍ଚାୟତରୁ ଅନ୍ୟ ପଞ୍ଚାୟତକୁ ଯୋଡିବା ପାଇଁ ବିଭିନ୍ନ ପୋଲ ମଧ୍ୟ କରୁଛନ୍ତି। ଏଣୁ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ କରିବାକୁ ହେଲେ ବିଜୁ ଜନତା ଦଳ ସହ ରହି ବିକାଶ କାର୍ଯ୍ୟକୁ କେହି ଅଟକାଇପାରିବେ ନାହିଁ। ଏଣୁ ଉଭୟ ବିଧାନସଭା ଓ ଲୋକସଭାରେ ବିଜେଡିକୁ ବିପୁଳ ଭୋଟ ଦେଇ ବିଜୟୀ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ସାଂସଦ ପ୍ରାର୍ଥିନୀ ଶ୍ରୀମତି ସାମନ୍ତସିଂହାର କହିଥିଲେ ଯେ, ନିର୍ବାଚନ ଆସିଲେ ବିଜେପି ଓ କଂଗ୍ରେସ ଦଳ ଲୋକମାନଙ୍କ ପାଇଁ ସବୁ କିଛି କରିଦେବେ ବୋଲି କୁହନ୍ତି। କିନ୍ତୁ ବାସ୍ତବରେ ବିକାଶ କାର୍ଯ୍ୟ କେବଳ ବିଜେଡି ହିଁ କରିଛି। ଯେଉଁ ସବୁ ବିକାଶ କାର୍ଯ୍ୟ ହୋଇଛି ତାହା କେବଳ ବିଜେଡି ହିଁ କରିଛି। ଅନ୍ୟପଟେ ବିଭିନ୍ନ ରାଜନୈତିକ ଦଳମାନେ କହୁଥିଲେ କିନ୍ତୁ ମୁଖ୍ୟମନ୍ତ୍ରୀ ୩୩ପ୍ରତିଶତ ମହିଳାଙ୍କୁ ବିଧାନସଭା ଓ ଲୋକସଭାରେ ସଂରକ୍ଷଣ କରିଛନ୍ତି। ଏଣୁ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁସାରେ ମୁଁ ଏକ ଗୁଣ୍ଡୁଚି ମୂଷା ହୋଇ ବିକାଶ କାର୍ଯ୍ୟକୁ ଆଗେଇ ନେବାକୁ ଆସିଛି। ମୁଁ ବାସ୍ତବରେ ପ୍ରାର୍ଥି ନୁହେଁ ବରଂ ଏ ଅଞ୍ଚଳର ସମସ୍ତ ଲୋକେ ହେଉଛନ୍ତି ଗୋଟିଏ ଗୋଟିଏ ପ୍ରାର୍ଥି। ମୁଖ୍ୟମନ୍ତ୍ରୀ ଯେଉଁ ବିଜୁ ସ୍ୱାସ୍ଥ୍ୟ କାର୍ଡ କରିଛନ୍ତି ତାହା ଲୋକମାନଙ୍କ ପାଇଁ ବରଦାନ ସାବ୍ୟସ୍ତ ହୋଇଛି। ଏଣୁ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ପାଇଁ ମୁଖ୍ୟମନ୍ତ୍ରୀ ପଦରେ ବସାଇବାକୁ ହେଲେ ଉଭୟ ବିଧାୟକ ଓ ସାଂସଦଙ୍କୁ ଜିତାଇବା ପାଇଁ ଆହ୍ୱାନ ଦେଇଥିଲେ। ଏହି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧ୍ୟରେ ମଧ୍ୟରେ ବିଜେଡି ସଦର ବ୍ଲକ ସଭାପତି ବସନ୍ତ ପଣ୍ଡା, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଧୀରେନ ନାୟକ, ରାଇସୁଆଁ ପଞ୍ଚାୟତ ସମିତି ସଭ୍ୟ ଦୀପକ ଜେନା, ପଞ୍ଚାୟତ ଯୁବ ବିଜେଡି ସଭାପତି ପ୍ରଶନ୍ନ ବେହେରା, ବରିଷ୍ଠ ବିଜେଡି ନେତା ଅକୁର ତରେଇ, କୁରାଢ଼ିଆ ବିଜେଡି ସମ୍ପାଦକ ରମାକାନ୍ତ ବାରିକ, ଧନେଶ୍ୱର ଦାସ, ଦେବେନ୍ଦ୍ର ଦାସ, ବଂଶୀଧର ବେହେରା, ଗୟାଧର ମହାଲିକ, ମାନସରଞ୍ଜନ ବାରିକ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ପ୍ରାରମ୍ଭରେ କୁରାଢିଆ ପଞ୍ଚାୟତ ବିଜେଡି ପକ୍ଷରୁ ଏକ ରାଲି ମାଧ୍ୟମରେ ପଞ୍ଚାୟତ ପରିକ୍ରମାରେ ଶକ୍ତି ପ୍ରଦର୍ଶନ ସହିତ ସାଂସଦ ଓ ବିଧାୟକ ପ୍ରାର୍ଥୀଙ୍କୁ ସ୍ୱାଗତ କରାଯାଇଥିଲା।

# ଭୁଜାଖିଆ ପୀରବାବାଙ୍କ ବାର୍ଷିକ ଉତ୍ସବ ଉର୍ସ ଉଦ୍‌ଘାଟିତ



ବାଲେଶ୍ୱର, ୨୪।୪(ସମିସ): ଜିଲ୍ଲାର ଭାଇଚାରାର ପ୍ରତୀକ ସହରର ସୁନଟସ୍ଥିତ 'ବାବା ଭୁଜାଖିଆ ପୀର'ଙ୍କ ୩ଦିନିଆ ୮୦ତମ ବାର୍ଷିକ ଉତ୍ସବ 'ଉର୍ସ' ଆଜି ଉଦଘାଟିତ ହୋଇଯାଇଛି। ପ୍ରତିବର୍ଷ ମାର୍ଚ୍ଚମାସ ଶେଷ ବୁଧବାର, ଗୁରୁବାର, ଶୁକ୍ରବାର ତିନିଦିନ ଧରି ଏହି ପୀଠରେ ବାବାଙ୍କ ବାର୍ଷିକ ଉର୍ସ ଉତ୍ସବ ପାଳିତ ହୋଇଥାଏ। ମାତ୍ର ଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପବିତ୍ର ରମଜାନ ମାସ ପାଇଁ ଏହି ଉତ୍ସବ ଏକ ମାସ ପରେ ଅର୍ଥାତ ଅପ୍ରେଲ ମାସ ଶେଷ ବୁଧବାର, ଗୁରୁବାର, ଶୁକ୍ରବାର ପାଳିତ ହେଉଛି। ଉତ୍ସବର ପ୍ରଥମ ଦିନରେ ଗୋସାଲ, କୋରାନ ପାଠ, ମିଲାଦ ସରିଫ ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସକାଳୁ ସ୍ଥାନୀୟ ପରମିଟ ଘାଟରୁ ପାଣି ଆଣାଯାଇ ବାବାଙ୍କ ଆସ୍ଥାନକୁ ପବିତ୍ର କରାଯିବା ପରେ ଚାଦର ଚଢାଯିବା ସହ ସାମୂହିକ କୋରାନ ପାଠ କରାଯାଇଥିଲା। ପରେ ଭକ୍ତମାନେ ଦିବସବ୍ୟାପୀ ବାବାଙ୍କୁ ଦର୍ଶନ କରି ଚାଦର ଚଢାଇଥିଲେ। ବାବାଙ୍କ ବାର୍ଷିକ ଉତ୍ସବରେ ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ଶ୍ରଦ୍ଧାଳୁ ନିଷ୍ଠାର ସହ ପୀରବାବାଙ୍କୁ ପ୍ରାର୍ଥନା କରୁଥିବା ଦେଖିବାକୁ ମିଳେ। ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ଶ୍ରଦ୍ଧାଳୁ ଯୋଗ ଦେଇ ପ୍ରାର୍ଥନା କରିବା ସହ ଭୋଗ ଲଗାଇଥାଆନ୍ତି। ବାବାଙ୍କ ନିକଟରେ ପ୍ରାୟତଃ ମୁଢି ବା ଭୂଜା ଭୋଗ ଆକାରରେ ଲଗାଯାଇଥାଏ। ଏହା ସହିତ ପୀଠରେ ଲଡୁ, ଗଜା, କୋରା, ଖଜା ଇତ୍ୟାଦି ଶୁଖିଲା ମିଷ୍ଟାନ୍ନ ଭୋଗ ଲଗାଯିବାର ବିଧି ରହିଛି। ଭୁଜାଖିଆ ପୀରବାବାଙ୍କ ଅସଲ ନାଁ ହେଉଛି ହଜରତ ଖ୍ୱାଲେହ ମହମ୍ମଦ। ଲୋକମାନେ ବାବାଙ୍କୁ ଭେଟି ନିଜ ନିଜର ବିଭିନ୍ନ ସମସ୍ୟାର ସମାଧାନର ଦିଗ ତାଙ୍କ ଠାରୁ ପାଇପାରୁଥିଲେ। ଶ୍ରଦ୍ଧାରେ ସମସ୍ତେ ବାବାଙ୍କୁ ଭୁଜା ଦେଉଥିଲେ। ବାବାଙ୍କର ମୁଖ୍ୟ ଖାଦ୍ୟ ଭୁଜା ଥିଲା। ପରବର୍ତ୍ତୀ ସମୟରେ ବାବାଙ୍କର ପରିଚୟ ପରିବର୍ତ୍ତନ ହୋଇ ଭୁଜାଖିଆ ପୀର ବାବା ହୋଇଥିବାର ଶୁଣିବାକୁ ମିଳେ। ବାବାଙ୍କ ତିରୋଧାନ ପରେ ସେହି ସ୍ଥାନରେ ତାଙ୍କର ସମାଧି ନିର୍ମାଣ କରାଯାଇଥିଲା। ତେବେ ଭାଇଚାରାର ନିଦର୍ଶନ ପାଲଟିଥିବା ବାବା ଭୁଜାଖିଆ ପୀରଙ୍କ ପୀଠରେ ଉଭୟ ହିନ୍ଦୁ ଏବଂ ମୁସଲମାନ ସମ୍ପ୍ରଦାୟର ଲୋକମାନଙ୍କୁ ଏକତାର ସୂତ୍ରରେ ବାନ୍ଧି ରଖିଛି କହିଲେ ଅତ୍ୟୁକ୍ତି ହେବ ନାହିଁ। ବାବାଙ୍କ ପୀଠକୁ ଆସିଲେ ମନୋସ୍କାମନା ପୂରଣ ହୁଏ ବୋଲି ସମସ୍ତଙ୍କର ବିଶ୍ୱାସ ରହିଛି। ଜନଗହଳି ନିୟନ୍ତ୍ରଣ ଏବଂ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଉର୍ସ ଉତ୍ସବ ଶାନ୍ତି କମିଟି ଓ ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପଦକ୍ଷେପ ନିଆଯାଇଛି। ଆବଶ୍ୟକୀୟ ସଂଖ୍ୟାରେ ଫୋର୍ସ ମୁତୟନ ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ମଧ୍ୟ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରଯାଇଛି।

# ସାବିତ୍ରୀମଣିଙ୍କ ଏକାଦଶାହରେ ସ୍ମୃତିସଭା

ବାଲେଶ୍ୱର, ୨୪।୪(ସମିସ): ଧର୍ମ ପରାୟଣା ତଥା ସମାଜ ସଂସ୍କାରକ ସାମାଜିକ କର୍ମୀ ସାବିତ୍ରୀମଣି ବିଶ୍ୱାଳଙ୍କ ଏକାଦଶାହ ପରିପ୍ରେକ୍ଷୀରେ ଆୟୋଜିତ ସ୍ମୃତିସଭାରେ ସମବେତ ଅତିଥି ମାନଙ୍କ ତରଫରୁ ତାଙ୍କର ଦିବଂଗତ ଆତ୍ମା ପ୍ରତି ଗଭୀର ଶ୍ରଦ୍ଧାଂଜଳି ଜ୍ଞାପନ କରାଯାଇଛି। ରେମୁଣା ବ୍ଲକର ମୁଖୁରାସ୍ଥିତ ବାସଭବନରେ ଏହି ଶ୍ରଦ୍ଧାଂଜଳି ସଭା ଅନୁଷ୍ଠିତ ହୋଇଥିଲା। ଶିକ୍ଷାବିତ, ଜଗନ୍ନାଥ ସଂସ୍କୃତିର ଗବେଷକ ଭରତ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ବରେଣ୍ୟ ଅତିଥି ରୂପେ ଡ. ନରୋତ୍ତମ ପରିଡ଼ା, ପ୍ରଫେସର ପ୍ରଶାନ୍ତ କୁମାର ବରାଳ, ଡ. ପ୍ରଦୀପ୍ତ କୁମାର ମିଶ୍ର ସାମ୍ବାଦିକ ରବି ରାଉତ ଯୋଗ ଦେଇଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ନୀଳଗିରି ବିଧାୟକ ସୁକାନ୍ତ ନାୟକ, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ନାରାୟଣ ପ୍ରଧାନ, ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସୁଦର୍ଶନ ଜେନା, ସାଂସଦ ପ୍ରାର୍ଥୀ ପ୍ରଫେସର ଲେଖାଶ୍ରୀ ସାମନ୍ତସିଂହାର, ଯୁବ ବିଜେଡି ରାଜ୍ୟ କାର୍ଯ୍ୟକାରୀ ସଭାପତି ଶୁଭେନ୍ଦୁ ଦାସମଂଗରାଜ, ରେମୁଣା ବ୍ଲକ ଅଧ୍ୟକ୍ଷ ରାଜେନ୍ଦ୍ର ରାଉତ, ଉପାଧ୍ୟକ୍ଷ ସୁମତୀ ବେହେରା, ଏନଏସି ଅଧ୍ୟକ୍ଷ ତନୁଜା ଗିରି, ଉପାଧ୍ୟକ୍ଷ ଆୟେଶାନ ଖାନ, ଜିଲ୍ଲା ପରିଷଦ ସଭ୍ୟ ଅଭିମନ୍ୟୁ ଧିନ୍ଦା, ବନ୍ଦିତା ନାୟକ, କବିତା ପାଣି, ମଧୁସୂଦନ ଦାସ, ବରିଷ୍ଠ ସାମ୍ବାଦିକ ବିପ୍ଳବ କୁମାର ମହାନ୍ତି, ରଞ୍ଜନ ବାଗ, ହିମାଂଶୁ ଦାସ, ରବୀନ୍ଦ୍ର ମହାକୁଡ, ରେମୁଣା ସିଡିପିଓ ସୌଭାଗ୍ୟମଞ୍ଜରୀ ରାଉତ, ବରିଷ୍ଠ ଆଇନଜୀବୀ ନଳିନୀ କୁମାର ପଣ୍ଡା ପ୍ରମୁଖ ସ୍ମୃତିଚାରଣ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସାମ୍ୟବାଦୀ ଷ୍ଟାଲିନ ମିଶ୍ର ସ୍ୱରଚିତ କବିତା ପାଠ କରିଥିଲେ। ପ୍ରାରମ୍ଭରେ ସ୍ୱର୍ଗୀୟା ସାବିତ୍ରୀମଣିଙ୍କର ବଡ ପୁଅ ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି, ଶିଳ୍ପଦ୍ୟୋଗୀ ପ୍ରଭାତ



କୁମାର ବିଶ୍ୱାଳ ମା'ଙ୍କ ପ୍ରତି ତାଂକର ଅନ୍ତରର ନୈବେଦ୍ୟ ଅର୍ପଣ କରିଥିଲେ। ଶେଷରେ ସାମାଜିକ କର୍ମୀ ତଥା ବିଜେଡିର ରେମୁଣା ଏନଏସି ସଭାପତି ରାମନାରାୟଣ ବେହେରା ସ୍ମୃତିଚାରଣ କରିବା ସହିତ ଉପସ୍ଥିତ ଅତିଥି ଓ ଅନ୍ୟ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ। ସକାଳେ ରାଜ୍ୟ ଶିଳ୍ପ, ବିଦ୍ୟୁତ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପକେଶରୀ ଦେବ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି, ପର୍ଯ୍ୟଟନ ମନ୍ତ୍ରୀ ତଥା ବିଜେଡି ଜିଲ୍ଲା ସଭାପତି ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ନେତୃବୃନ୍ଦ ମୁଖୁରା ବାସଭବନରେ ପହଁଚି ଶୋକସନ୍ତପ୍ତ ପରିବାର ପରିଜନ ମାନଙ୍କୁ ସମବେଦନା ଜ୍ଞାପନ କରିବାସହ ସ୍ୱର୍ଗୀୟା ସାବିତ୍ରୀମଣିଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

### ଫକୀରମୋହନ ବିଶ୍ୱବିଦ୍ୟାଳୟ

# ଜନଗଣନା ତଥ୍ୟର ବ୍ୟବହାର ସମ୍ପର୍କିତ କର୍ମଶାଳା

ବାଲେଶ୍ୱର, ୨୪।୪(ସମିସ):



ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ପପୁଲେସନ ଷ୍ଟଡିଜ (ଜନସଂଖ୍ୟା ଅଧ୍ୟୟନ) ସ୍ନାତକୋତ୍ତର ବିଭାଗ ଦ୍ୱାରା ଜନ ଗଣନା ତଥ୍ୟର ବ୍ୟବହାର ସମ୍ପର୍କିତ ଏକ ଦିନିକିଆ କର୍ମଶାଳାର ଅନୁଷ୍ଠିତ ହୋଇଯାଇଛି। ସାମାଜିକ ବିଜ୍ଞାନ ଅନୁସନ୍ଧାନରେ ଜନଗଣନା ତଥ୍ୟର ବ୍ୟବହାର ପ୍ରସଙ୍ଗକୁ ଭିତ୍ତିକରି ଆୟୋଜିତ କର୍ମଶାଳାକୁ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଉଦ୍‌ଘାଟନ କରିବା ପୂର୍ବକ ଅଧ୍ୟକ୍ଷତା କରି ବିଶ୍ୱବିଦ୍ୟାଳୟସ୍ଥିତ ଜନଗଣନା ତଥ୍ୟ କେନ୍ଦ୍ର ଓ ଜନଗଣନା ତଥ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଉପଯୋଗୀତା ସମ୍ପର୍କରେ ଉପସ୍ଥିତ ଅଂଶଗ୍ରହଣକାରୀଙ୍କୁ ଅବଗତ କରାଇଥିଲେ। ବିଶ୍ୱବିଦ୍ୟାଳୟର ସ୍ନାତକ ପରିଷଦର ଅଧ୍ୟକ୍ଷ ପ୍ରଫେସର ଡ. ସୂର୍ଯ୍ୟେନ୍ଦୁ କୁମାର ଦେ ନିଜ ଅଭିଭାଷଣରେ ଏହି ଜନଗଣନା ତଥ୍ୟ ଗବେଷଣାତ୍ମକ ନିଷ୍ପତ୍ତି ନେବା ପାଇଁ ଉପଯୋଗୀ ହେଉଥିବା ଯୋଗୁ ସାମାଜିକ ଓ ଅର୍ଥନୈତିକ ନୀତିର ବିକାଶକୁ ସହଜ କରିଥାଏ ବୋଲି କହିଥିଲେ। ନୀତି ନିର୍ଣ୍ଣୟ ତଥା ଯୋଜନା ପ୍ରଣୟନ ଉଦ୍ଦେଶ୍ୟରେ ଏହା ସରକାର ଓ ପ୍ରଶାସନ ପାଇଁ ଅତ୍ୟନ୍ତ ଜରୁରୀ ଅଟେ ବୋଲି ଶ୍ରୀ ଦେ ଉଲ୍ଲେଖ କରିଥିଲେ। ଏହି ଅବସରରେ ସମ୍ମାନୀତ ଅତିଥି ଭାବେ, ଓଡ଼ିଶାର ଜନଗଣନା ଅପରେସନ୍ ନିର୍ଦ୍ଦେଶକ ଉଦୟ ନାରାୟଣ ଦାସ ଯୋଗଦେଇ ଜାତୀୟ ଜନଗଣନା ପ୍ରକ୍ରିୟାକୁ ସରଳ ବିଶ୍ଳେଷଣ କରିଥିଲେ। ଭବିଷ୍ୟତରେ ଏହି ପ୍ରକ୍ରିୟାର ଡିଜିଟାଲାଇଜେସନ ହେବାନେଇ ଆଶାବ୍ୟକ୍ତ କରିଥିଲେ। ଏଥିସହ ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଏପରି କର୍ମଶାଳାର ଆୟୋଜନକୁ ଅନେକ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ଭାବେ ଆଇଆଇପିଏସ, ମୁମ୍ବାଇର ପ୍ରଫେସର ସଞ୍ଜୟ କୁମାର ମହାନ୍ତି ଯୋଗଦେଇ ଜନଗଣନା ତଥ୍ୟକୁ ଗବେଷକଙ୍କ ଠାରୁ ଆରମ୍ଭ କରି ସମସ୍ତଙ୍କ ପାଇଁ ସାଧାରଣ ଓ ଅନନ୍ୟ ତଥ୍ୟ ସଂଗ୍ରହର ସୁନାଖଣି ବୋଲି ମତବ୍ୟକ୍ତ କରିଥିଲେ। ଏଥିସହ ପପୁଲେସନ ଷ୍ଟଡିଜ ବିଭାଗର ପ୍ରଫେସର ଲକ୍ଷ୍ମୀନାରାୟଣ ଦାଶ ଏହି କର୍ମଶାଳାର ପ୍ରମୁଖ ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ବାବଦରେ ବୁଝାଇ କହିଥିଲେ। ଓଡ଼ିଶା, ପଶ୍ଚିମବଙ୍ଗ ଓ ଝାଡ଼ଖଣ୍ଡର ବିଭିନ୍ନ ପ୍ରତିଷ୍ଠିତ ବିଶ୍ୱବିଦ୍ୟାଳୟର ପ୍ରାୟ ୧୦୦ ଜଣ ଗବେଷକ ଓ ଛାତ୍ରଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ଏହାସହିତ ଆମନ୍ତ୍ରିତ ବକ୍ତା ତଥା ବିଶେଷଜ୍ଞ ଭାବେ, ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟ, ଓଆରଜିଆଇର ଡେପୁଟି ଡାଇରେକ୍ଟର ଡ. ଜିତେନ୍ଦ୍ର ଗଉଡ, ଓଡ଼ିଶାର ଜନଗଣନା ପରିଚାଳନା ନିର୍ଦ୍ଦେଶାଳୟର ଡେପୁଟି ଡାଇରେକ୍ଟର ଅଶୋକ ମିଶ୍ର, ହରଧନ କର୍ମି, ଆସିଷ୍ଟାଣ୍ଟ ଡାଇରେକ୍ଟର ସୁଜିତ କୁମାର ପ୍ରଧାନ ଓ ମନିପାଲ ଟାଟା ମେଡିକାଲ କଲେଜ, ଜାମସେଦପୁରର ଆସିଷ୍ଟାଣ୍ଟ ପ୍ରଫେସର ଡ. ମହମ୍ମଦ ହଫିଜ ଉର ରହମାନ ପ୍ରମୁଖ ଉପସ୍ଥିତ ହୋଇ ଦୁଇଟି ଅଧିବେଶନରେ ମୁଖ୍ୟ ପ୍ରସଙ୍ଗରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ବିଭାଗର ଆସିଷ୍ଟାଣ୍ଟ ପ୍ରଫେସର ମୋଆତୁଲା କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ। କାର୍ଯ୍ୟକ୍ରମର ସଂଯୋଜକ ଭାବେ ବିଭାଗ ମୁଖ୍ୟ ଡ଼କ୍ଟର ଗ୍ରେସ ବି ମୁଣ୍ଡ ଦାୟିତ୍ୱ ନିର୍ବାହ କରିଥିଲେ। କାର୍ଯ୍ୟକ୍ରମ ଶେଷରେ ଡ଼କ୍ଟର ଜଗନ୍ନାଥ ବେହେରା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

### ଅଗ୍ନିବର୍ଷାରେ ଆକ୍ରାମାକ୍ରା ଭୋଗରାଇ

# ଜଳିଯାଉଛି ନଡ଼ିଆ ଓ ଗୁଆ ଗଛ



ଭୋଗରାଇ, ୨୪।୪ (ସମିସ) :

● ରବିଧାନ ଅମଳରେ ବାଧକ ସାଜିଛି ମୁଣ୍ଡଫଟା ଖରା ଓ ଗୁଳୁଗୁଳି

ଖରା ତ' ନୁହେଁ, ଯେପରି ଅଗ୍ନି ବର୍ଷା। ଅଗ୍ନି ବର୍ଷାରେ ଆକ୍ରାମାକ୍ରା ହେଉଛି ବାଲେଶ୍ୱର ଜିଲ୍ଲାର ଉପାନ୍ତ ଭୋଗରାଇ ବ୍ଲକ ଅଞ୍ଚଳ। ସକାଳ ୮ ଟା ପରେ ପଦାକୁ ବାହାରିଲେ ମୁହଁ ପୋଡି ଯାଉଛି। ତତଲା କଢ଼େଇରେ ଭାଜି ହେଉଛି ସମଗ୍ର ଅଞ୍ଚଳ। ଏହାସହିତ ଅସହ୍ୟ ହୋଇଛି ଗୁଳୁଗୁଳି। ମଧ୍ୟାହ୍ନ ସମୟର ଖରାରେ ସିଝି ଶରୀରରେ ବଡ଼ ବଡ଼ ଫୋଟକା ସୃଷ୍ଟି ହେଉଛି। ପଶୁପକ୍ଷୀ ମାନଙ୍କ ଅବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ହୋଇଛି। ପାଣି ପାଇଁ ଜୀବଜଗତ ତହଳବିକଳ ହେଉଛି ଜୀବଜଗତ। ଦିନ ୧୦ଟା ପରେ ରାସ୍ତାଘାଟ ଶୂନଶାନ ହୋଇଯାଉଛି। ବେଶ କିଛି ଦିନ ହେଲା ଏମିତି ଅବସ୍ଥା ଲାଗି ରହିଥିଲା ବେଳେ ଆହୁରି ଆଗକୁ କିଛି ଦିନ ଏଭଳି ଅବସ୍ଥା ଲାଗି ରହିବ ବୋଲି ପାଣିପାଗ ବିଭାଗ ଘୋଷଣା କରିଛି। ପ୍ରବଳ ହିଟୱେଭ ସତର୍କ ସୂଚନା ଜାରି କରାଯାଇଛି। ରାଜ୍ୟ ତମାମ ପ୍ରବଳ ଗ୍ରୀଷ୍ମ ପ୍ରବାହ ଜାରି ରହିଥିଲା ବେଳେ ଏହା ସହିତ ତାଳ ଦେଇ ଉପକୂଳ ଭୋଗରାଇରେ ପାରଦ ୪୧ ଡିଗ୍ରୀ ଉପରେ ରହୁଛି। ସମସ୍ତ ଗଛପତ୍ର ପ୍ରଚଣ୍ଡ ଖରାରେ ଝାଉଁଳି ଯାଉଛି। ବ୍ୟବସାୟୀକ ଭିତ୍ତିରେ ଅବାଧ ଗଛ କାଟିବା, ପ୍ରଶସ୍ତିକରଣ ନିମନ୍ତେ ରାସ୍ତା ପାର୍ଶ୍ୱରେ ଦୀର୍ଘ ବର୍ଷ ଧରି ସମସ୍ତଙ୍କୁ ଛାଇ ଯୋଗାଇ ଆସୁଥିବା ବଡ଼ ବଡ଼ ଗଛ ସବୁ କାଟି ସଫା କରିବା, ମାତ୍ରାଧିକ ଏସି ଓ ଫ୍ରିଜ ବ୍ୟବହାର କରିବା, ଆବଶ୍ୟକତା ଠାରୁ ଅଧିକ ବାଇକ ଓ କାର ବ୍ୟବହାର ଯୋଗୁଁ ବାୟୁମଣ୍ଡଳ ପ୍ରଦୂଷିତ ହେଉଛି। ଫଳରେ ଖରା, ଗରମ ଓ ଗୁଳୁଗୁଳି ମାତ୍ରା ଯଥେଷ୍ଟ ବୃଦ୍ଧି ପାଉଛି ବୋଲି କୁହାଯାଉଛି। ଦିନର ଗୁଳୁଗୁଳି, ଖରାର ତାତି ଓ ଉତ୍ତାପ ମାତ୍ରା ଏତେ ବୃଦ୍ଧି ପାଇଛି ଯେ ଭୋଗରାଇ ଅଞ୍ଚଳର ପ୍ରମୁଖ ଅର୍ଥକାରୀ ଫସଲ ନଡ଼ିଆ ଓ ଗୁଆ ଗଛର ବରଡା ଜଳି ଶୁଖି ଯାଉଥିବା ଦେଖିବାକୁ ମିଳିଛି। ଏହାବ୍ୟତୀତ ଫୁଲ ଗଛ ଠାରୁ ଆରମ୍ଭ କରି ବଡ଼ ବଡ଼ ଗଛର ପତ୍ର ସବୁ ଜଳି ଶୁଖି ଗଲାଣି। ଛୋଟରୁ ବଡ ଗଛ ସବୁ ଥୁଣ୍ଟା ହୋଇଗଲାଣି। ପାଣି ଅଭାବ ସାଙ୍ଗକୁ ପ୍ରବଳ ଗୁଳୁଗୁଳି ଓ ପ୍ରଚଣ୍ଡ ଖରା ତାତି ଗଛର ପତ୍ର ସବୁ ଜାଳି ଦେଉଛି। ଏଭଳି ପରିସ୍ଥିତିରେ କେବଳ ବର୍ଷା ହିଁ ଏହି ଜୀବଜଗତକୁ ରକ୍ଷା କରିପାରିବ। ଅନ୍ୟପକ୍ଷରେ ବିଲରେ ରବିଧାନ ପାଚି ଯାଇଥିଲା ବେଳେ ମୁଣ୍ଡଫଟା ଖରା, ଅସହ୍ୟ ଗୁଳୁଗୁଳି ଯୋଗୁଁ ଅଂଶୁଘାତ ଭୟରେ ଚାଷୀ ମାନେ ଧାନ ଅମଳ ପାଇଁ କ୍ଷେତକୁ ଯାଉ ନାହାଁନ୍ତି। କେବଳ ଭୋରରୁ ସକାଳ ୮ ଟା ପର୍ଯ୍ୟନ୍ତ କ୍ଷେତକୁ ଯାଉଥିବା ଦେଖିବାକୁ ମିଳିଛି। ଏଭଳି ପରିସ୍ଥିତିରେ ରବିଧାନ ଅମଳ ବାଧାପ୍ରାପ୍ତ ହୋଇଛି। ଏହି ସମୟରେ ଯଦି କାଳବୈଶାଖୀ ବର୍ଷା ହୁଏ ତେବେ ପାଚିଲା ଧାନ ବିଲରେ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ସେହିପରି ପନିପରିବା ଚାଷୀ ମାନେ ମଧ ନିଜ କ୍ଷେତକୁ ଯାଇ ପାରୁନାହାନ୍ତି। ଫଳରେ ପନିପରିବା ଅମଳରେ ସମସ୍ୟା ଦେଖାଦେଇଛି। ଅନ୍ୟପକ୍ଷରେ ପନିପରିବା କ୍ଷେତରେ ପର୍ଯ୍ୟାପ୍ତ ପରିମାଣର ପାଣି ଯୋଗାଣ ହୋଇ ନପାରିବାରୁ ଗଛ ସବୁ ଖରାରେ ଝାଉଁଳି ନଷ୍ଟ ହୋଇଯାଉଛି। ଫଳରେ ପରିବା ଦର ଆକାଶଛୁଆଁ ବୃଦ୍ଧି ପାଇଛି। ଆଗକୁ ଆହୁରି ପ୍ରଚଣ୍ଡ ଖରା ଓ ତାପମାତ୍ରା ବୃଦ୍ଧି ପାଇବାକୁ ଥିଲା ବେଳେ ଅବସ୍ଥା କ'ଣ ହେବ ତାହାକୁ ନେଇ ସାଧାରଣରେ ଆତଙ୍କ ସୃଷ୍ଟି ହୋଇଛି। ସେହିପରି ସକାଳୁଆ ଅଫିସ ଯୋଗୁଁ ଦିନ ୯ ଟା ଯାଏ ଅଫିସ ଓ କୋର୍ଟ କଚେରୀରେ ଲୋକଙ୍କ ଉପସ୍ଥିତି ଦେଖିବାକୁ ମିଳୁଛି। ତା'ପରେ ଯେ ଯୁଆଡେ ଯେମିତି ନିରାପଦ ଓ ସୁରକ୍ଷିତ ଆଶ୍ରୟ ଖୋଜିବାରେ ଲାଗି ପଡୁଛନ୍ତି। ଅନ୍ୟପକ୍ଷରେ ଟାଣ ଖରା ଓ ଅସହ୍ୟ ଗୁଳୁଗୁଳି ପାଇଁ ରିକ୍ସା, ଅଟୋ ଓ ବସ ଚଳାଚଳ ବାଧାପ୍ରାପ୍ତ ହୋଇଛି। ସେହିପରି ପଥଚାରୀଙ୍କ ପାଇଁ ରାସ୍ତାର ବିଭିନ୍ନ ସ୍ଥାନରେ ଜଳଦାନ ଶିବିର ଖୋଲାଯାଇ ଲେମ୍ବୁ ପାଣି, ଘୋଳଦହି, ଥଣ୍ଡା ପାଣି ଆଦି ବଣ୍ଟନ ଆରମ୍ଭ ହୋଇଥିଲେ ମଧ ତାହା ପର୍ଯ୍ୟାପ୍ତ ହେଉନାହିଁ। ତେବେ ଲାଗି ରହିଥିବା ତାତିରୁ ନିସ୍ତାର ପାଇଁ ଆବଶ୍ୟକ ହେଉଛି ବର୍ଷା, ଯାହାକୁ ସମସ୍ତେ ଚାତକ ଭଳି ଅନାଇ ବସିଛନ୍ତି।

# ଦିବ୍ୟାଙ୍ଗ ମହିଳାଙ୍କୁ ସହାୟତାର ହାତ ବଢ଼ାଇଲେ ସମାଜସେବୀ



ନୀଳଗିରି: ୨୪।୪ (ସମିସ): ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ଅନ୍ତର୍ଗତ ବରହମପୁର ପଞ୍ଚାୟତ ଭୋଗଦିଆ ଗ୍ରାମରେ ବଖତୁ ବେହେରା(୪୦)ଙ୍କ ଦେହାନ୍ତ ହେବାପରେ ତାଙ୍କ ପରିବାର ଏକ ପ୍ରକାର ସର୍ବସ୍ୱ ହରାଇ ଦେବା ପରେ ଦିବ୍ୟାଙ୍ଗ ଧର୍ମପତ୍ନୀ ମାମୁନୀ ବେହେରା (୩୫) ନିସହାୟ ହୋଇପଡ଼ିଥିଲେ। ବୋଝ ଉପରେ ଲଳିତା ବିଡା ପରି, ତାଙ୍କ ସ୍ୱାମୀଙ୍କର ଦେହ ଅସୁସ୍ଥ ହେବାରୁ, ସେ ତାଙ୍କର ଚିକିତ୍ସା ନିମନ୍ତେ ବହୁ ଡାକ୍ତରଖାନା ବୁଲା ବୁଲି କରି ଭୁବନେଶ୍ୱର ସ୍ଥିତ ସମ ହସ୍ପିଟାଲରେ ବହୁ ଚେଷ୍ଟା ସ୍ୱତେ ଚିକିତ୍ସାଧିନ ଅବସ୍ଥାରେ ତାଙ୍କର ଦେହାନ୍ତ ହୋଇଥିଲା। ଏପରି ସ୍ଥଳେ ମାମୁନୀ ସର୍ବସ୍ୱାନ୍ତ ହୋଇଯାଇଥିବା ବେଳେ ତାଙ୍କର ତିନି ଝିଅ ମଧ୍ୟରୁ ଗୋଟିଏ ଝିଅ ମଧ ବିଦ୍ୟାଙ୍ଗ ଅଟେ। ପରିବାରର ଦୁଃଖ ସହି ନ ପାରି ପ୍ରିୟଦର୍ଶିନୀ ସେବା ସଂସ୍ଥାର ସମ୍ପାଦକ ତଥା ସମାଜସେବୀ ତପନ ରାଉତ ମାମୁନୀଙ୍କୁ ତାଙ୍କ ସ୍ୱାମୀଙ୍କର ଶୁଦ୍ଧିକ୍ରିୟା ପାଇଁ ସହାୟତା ପ୍ରଦାନ କରିବା ସହିତ, ତାଙ୍କ ପରିବାର ଚଳାଇବା ପାଇଁ ମାମୁନୀଙ୍କୁ ଏକ ଚା, ପାନ ଦୋକାନ କରିବା ପାଇଁ ପରାମର୍ଶ ଦେଇ ଏଥି ନିମନ୍ତ ୫ ହଜାର ଟଙ୍କାର ସହାୟତା ଦେବେ ବୋଲି ପ୍ରତିଶୃତି ଦେଇଛନ୍ତି। ମାମୁନୀ ସିଲାଇ ଶିକ୍ଷା ନେଇଥିବାର ପ୍ରକାଶ କରିବାରୁ ତାଙ୍କୁ ଏକ ସିଲାଇ ମେସିନ୍ ପ୍ରଦାନ କରିବେ ବୋଲି ଶ୍ରୀ ପ୍ରକାଶ କରିଛନ୍ତି। ଦୁଇ ଛୋଟ ଝିଅ ପାଠ ପଢ଼ିବା ପାଇଁ ସରକାର ବିଶେଷ ଦୃଷ୍ଟି ଦେଲେ, ପିଲାଙ୍କର ପାଠ ପଢ଼ା ସହିତ ଉକ୍ତ ପରିବାରଟି ଉପକୃତ ହେବେ। ସୂଚନା ଯୋଗ୍ୟ ମାମୁନୀ ବେହେରା ଧରମପୁର ଗ୍ରାମ ବିନ୍ଧାଣୀ ସାହି ଛକ ଠାରେ ରାସ୍ତା କାମ ଚାଲୁଥିବା ବେଳେ ରାସ୍ତା ପାରି ହେଉଥିବା ସମୟରେ ଜେସିବି ଟି ତାଙ୍କ ଗୋଡରେ ଆଘାତ କରିବାରୁ ମାମୁନୀ ଗୋଟିଏ ଗୋଡ ହରାଇ ଥିଲେ। ଯାହା ଫଳରେ ସେ ସବୁଦିନ ପାଇଁ ଅକର୍ମଣ୍ୟ ହୋଇଯାଇଥିଲେ। ସେଥିପାଇଁ ତାଙ୍କୁ କୌଣସି ପ୍ରକାରର ସରକାରୀ ସହାୟତା ଓ ବୀମା କମ୍ପାନୀରୁ ସହାୟତା ପାଇ ନଥିବାର ଦୁଃଖରେ ପ୍ରକାଶ କରିଛନ୍ତି।

# ବାଲେଶ୍ୱର କଂଗ୍ରେସ ସାଂସଦ ପ୍ରାର୍ଥୀଙ୍କୁ ସମ୍ବର୍ଦ୍ଧନା



ବସ୍ତା ବ୍ଲକ, ୨୪।୪ (ସମିସ): ବାଲେଶ୍ୱର ଲୋକୋସଭା ଆସନ ପାଇଁ କଂଗ୍ରେସ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନାଙ୍କୁ ପ୍ରାର୍ଥୀ କରିଛି। ୨୦୦୯ ରେ ଶ୍ରୀକାନ୍ତ ଜେନା ବାଲେଶ୍ୱରରୁ କଂଗ୍ରେସ ରୁ ସାଂସଦ ପ୍ରାର୍ଥୀ ଭାବେ ନିର୍ବାଚନ ମଇଦାନ ରେ ଅବତୀର୍ଣ୍ଣ ହୋଇ ବିଜୟ ହେବା ସହ ମନମୋହନ ସିଂ ସରକାରର ମନ୍ତ୍ରୀ ହୋଇ ଥିଲେ। ୨୦୧୪ରେ ସେ ପୁଣି କଂଗ୍ରେସ ରୁ ପ୍ରାର୍ଥୀ ହୋଇ ବିଜେଡି ପ୍ରାର୍ଥୀ ରବୀନ୍ଦ୍ର ଜେନାଙ୍କ ଠାରୁ ପରାଜିତ ହୋଇଥିଲେ। ୧୦ ବର୍ଷର ବ୍ୟବଧାନ ପରେ ପୁଣି କଂଗ୍ରେସ ତାଙ୍କୁ ବାଲେଶ୍ୱର ରୁ ପ୍ରାର୍ଥୀ କରିଛି। ବୁଧବାର ଅପରାହ୍ନ ରେ ଶ୍ରୀ ଜେନାଙ୍କ ବସ୍ତା ନିର୍ବାଚନ ମଣ୍ଡଳୀର ବାଲିଆପାଳ ଗସ୍ତ କାର୍ଯ୍ୟକ୍ରମ ରେ ଯାଉ ଥିବା ବେଳେ ଗାନ୍ଧି ଛକ ରେ ବସ୍ତା କଂଗ୍ରେସ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇ ଥିଲା। ଶ୍ରୀ ଜେନା ଗାନ୍ଧୀ ଛକ ରେ ଥିବା ମହାତ୍ମା ଗାନ୍ଧି ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ବସ୍ତା ର ନେତୃବୃନ୍ଦ କୁ ଭେଟି ଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି, ବସ୍ତା କଂଗ୍ରେସ ବିଧାୟକ ପ୍ରାର୍ଥୀ ବିଜନ ନାୟକ, ପୂର୍ବତନ ଜଳେଶ୍ୱର ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ, କଂଗ୍ରେସ ନେତା ସୁଦର୍ଶନ ଦାସ, ସୁଧାଂଶୁ ଜେନା, ବ୍ଲକ କଂଗ୍ରେସ ସଭାପତି ସତ୍ୟ ନାରାୟଣ ଗୁପ୍ତା, ଯୁବ ନେତା ରବୀନ୍ଦ୍ର ଦାସ, ଜନ ଜୀବନ ପ୍ରଧାନ, ସରପଞ୍ଚ ଅମିତ୍ ବିଶ୍ୱାଳ ଙ୍କ ସମେତ ବସ୍ତା ବ୍ଲକ ର ସମସ୍ତ ପଞ୍ଚାୟତର ନେତୃମଣ୍ଡଳୀ ଯୋଗ ଦେଇଥିଲେ।

# ବିଜେଡିର କର୍ମୀ ସମ୍ମିଳନୀ



ରାଇବଣିଆ, ୨୪।୪ (ସମିସ): ଜଳେଶ୍ୱର ବ୍ଲକ ଖୁଦିଆମାଝୀସାହି ପଞ୍ଚାୟତର ଖଣାବାଡ଼ ଗାଁରେ ମଙ୍ଗଳବାର ରାତି ୭ଘଟିକା ସମୟରେ ଓ ଗଡ଼ସାହିବାଲିଆପାଳ ପଞ୍ଚାୟତରେ ଆଜି ସକାଳ ୧୦ଘଟିକା ସମୟରେ ବିଜୁ ଜନତା ଦଳର କର୍ମୀ ବୈଠକ ଅନୁଷ୍ଠିତ ହେଇଯାଇଛି। ଉଭୟ ବୈଠକରେ ମନ୍ତ୍ରୀ ତଥା ବିଜେଡିର ବିଧାୟକ ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇ ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଆଲୋଚନା କରିବା ସହିତ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ନିର୍ବାଚିତ କରିବା ପାଇଁ ଡବଲ ଶଙ୍ଖରେ ଭୋଟ ଦେବାକୁ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ପଞ୍ଚାୟତ ସମିତି ଅଧକ୍ଷ ମାନସ ଜେନା, ବିଜେଡି ସଭାପତି ଦିଲ୍ଲୀପ ସାମଲ, ମଧୁସୂଦନ ସେନାପତି, ବ୍ରିଜେଶ ରଣା, ତପନ ଦାସ, ଅଜୟ ମହାନ୍ତି, ଚଞ୍ଚଳା ସେଠି, ବିଶେଶ୍ୱର ଦେହୁରୀ, କ୍ଷୀତିଶ ଦେ, ଧ୍ରୁବ ଚରଣ ଗିରି ସହିତ ବହୁ ବିଜେଡିର କର୍ମୀ ଓ ନେତୃବୃନ୍ଦ ଉପସ୍ଥିତ ରହି ଯୋଡ ଶଙ୍ଖରେ ଭୋଟ ଦେବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ।

# ନିଖୋଜର ମାସେ ପରେ ମତ୍ସ୍ୟଜୀବୀଙ୍କ ଗଳିତ ଶବ ଉଦ୍ଧାର

ବଳରାମପୁର, ୨୪।୪(ସମିସ) : ସିଂଳା ଥାନା ଅର୍ନ୍ତଗତ କଷାଫଳ ପଞ୍ଚାୟତର କଷାଫଳ ଗ୍ରାମର ବାବୁଲି ବେହେରା ମରିଚି ଗ୍ରାମର କ୍ରିଷ୍ଣା ମଣ୍ଡଳଙ୍କ ବୋଟ୍ ରେ ବାବୁଲି ଦିନ ମଜୁରିଆ ଭାବେ କାର୍ଯ୍ୟରତ ରହୁଥିଲା। ବୋଟ୍ ଯୋଗେ ୪/୩/୨୪ ତାରିଖ ରେ ବାହାବଳପୁର ସମୁଦ୍ର ମୁହାଣକୁ ଯାଇଥିଲେ। ବାବୁଲି ର ଘରକୁ ଫେରିବା ବିଳମ୍ବ ହେବାରୁ ତା'ର ସ୍ତ୍ରୀ ରୁନି ବେହେରା ବୋଟ୍ ମାଲିକ କ୍ରିଷ୍ଣା ମଣ୍ଡଳଙ୍କ ଯୋଗାଯୋଗ କରିଥିଲେ ମାତ୍ର କ୍ରିଷ୍ଣା ରୁନି ଙ୍କ ଫୋନ୍ ନ ଉଠାଇ ବା କିମ୍ବା ଘଟଣା ସମ୍ପର୍କରେ ପରିବାର କୁ କିଛି ଖବର ନଦେବାକୁ ରୁନି ସିଂଳା ଥାନା ରେ ନିଖୋଜ ସମ୍ପର୍କରେ ଲିଖିତ ଅଭିଯୋଗ କରିଥିଲେ ୧୦/୨୪ ରେ କେଶ ରୁଜୁ କରି ତଦନ୍ତ ଚଳାଇଥିଲା। ଏକ ମାସ ପରେ ମତ୍ସ୍ୟଜୀବୀ ବାବୁଲି ର ଗଳିତ ଶବ ଭଦ୍ରକ ଜିଲ୍ଲା ବାସୁଦେବପୁର ଥାନା ଅର୍ନ୍ତଗତ ଚୁଡ଼ାମଣିର ନୂଆଗାଁ ସମୁଦ୍ର କୂଳ ଜଙ୍ଗଲ ଭିତରୁ ଉଦ୍ଧାର କରାଯାଇଛି।

# ବିଜେପିର ମଣ୍ଡଳସ୍ତରୀୟ ସାଂଗଠନିକ ବୈଠକ



ନୀଳଗିରି, ୨୪।୪(ସମିସ): ଆଜି ଭାରତୀୟ ଜନତା ପାର୍ଟି ନୀଳଗିରି ପକ୍ଷରୁ ବଣସୀମା ରେ ମଣ୍ଡଳ ସଭାପତି ମାନସ ମିଶ୍ରଙ୍କ ନେତୃତ୍ୱରେ ବିଜେପିର ମଣ୍ଡଳ ସ୍ତରୀୟ ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଅଛି। ଏହି କାର୍ଯ୍ୟକ୍ରମରେ ବିଜେପିର ଲୋକସଭା ପାର୍ଥି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଉପସଭାପତି କରୁଣାକର ପଣ୍ଡା, ପ୍ରବୀଣ ନାୟକ, ଚନ୍ଦ୍ରବିନ୍ଦୁ ଦାସ, ମାର୍ତ୍ତଣ୍ଡ ମହାପାତ୍ରଙ୍କ ସହିତ ମଣ୍ଡଳ କମିଟିର ସମସ୍ତ ପଦାଧିକାରୀ, ଶକ୍ତି କେନ୍ଦ୍ର ପ୍ରମୁଖ, ବୁଥ ସଭାପତି ମାନେ ଉପସ୍ଥିତ ଥିଲେ। ଶ୍ରୀ ଷଡ଼ଙ୍ଗୀ ଆଗାମୀ ନିର୍ବାଚନରେ ବିଜୟୀ ହେବା ପାଇଁ କର୍ମୀ ମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ।

# ରାଇବଣିଆ ଥାନାର କାର୍ଯ୍ୟରତ ଗୃହରକ୍ଷୀଙ୍କ ମୃତ୍ୟୁ

ରାଇବଣିଆ, ୨୪।୪(ସମିସ): ଜଳେଶ୍ୱର ବ୍ଲକ ରାଇବଣିଆ ଥାନା ସର୍ଦାରବନ୍ଧ ପଞ୍ଚାୟତ ଚୂଡ଼ାମଣିପୁର ଗାଁର ହୋମଗାର୍ଡ କମଳ ମହାନ୍ତ ୨୨ତାରିଖ ରାତିରେ ରାଇବଣିଆ ଥାନାରେ ଡ୍ୟୁଟିରେ ଥିବା ବେଳେ ଭୋର ୩ ଘଟିକାରେ ଅସୁସ୍ଥ ହୋଇପଡ଼ିଥିଲେ। ଅନ୍ୟ ଜଣେ ହୋମଗାର୍ଡଙ୍କ ସହାୟତାରେ ଘରେ ପହଁଚିଲା ପରେ ସଙ୍ଗେ ସଙ୍ଗେ ବାରିପଦା ହସ୍ପିଟାଲ ନେଇ ଯାଇଥିଲେ ଘର ଲୋକେ। ଅଧିକ ଦେହ ଅସୁସ୍ଥ ହେବାରୁ ୨୩ତାରିଖ ରାତିରେ କଟକ ସ୍ଥାନାନ୍ତର କରିଥିବା ବେଳେ ଭୋର ୫ଘଟିକାରେ ରାସ୍ତାରେ ମୃତ୍ୟୁବରଣ କରିଥିଲେ ୪୨ବର୍ଷୀୟ କମଳ। ଜଳେଶ୍ୱର ଜିକେ ଭଟର ହସ୍ପିଟାଲରେ ଆଜି ଶବ ବ୍ୟବଚ୍ଛେଦ ପରେ ଅପରାହ୍ନ ସମୟରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇ ଦେବାକୁ ଦାବି ହୋଇଛି।

# ଜମିବାଡ଼ି ବିବାଦକୁ ନେଇ ଗଣ୍ଡଗୋଳ, ୪ ଗିରଫ

ସୋର, ୨୪।୪(ସମିସ): ସୋର ବ୍ଲକ ଟେଣ୍ଟେଇ ପଞ୍ଚାୟତ ଦୟାନିଧିପୁର ଗ୍ରାମରେ ଜମିବାଡ଼ି ବିବାଦକୁ କେନ୍ଦ୍ରକରି ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ହେବା ଫଳରେ ତିନି ଜଣ ଆହତ ହୋଇଥିବା ବେଳେ ପୁଲିସ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏହି ଗ୍ରାମର କବିତା ନାୟକ ଏବଂ କମଳାକାନ୍ତ ନାୟକଙ୍କ ମଧ୍ୟରେ ଜମିବାଡ଼ି ବିବାଦ ଲାଗିରହିଥିଲା। ଆଜି ସକାଳେ କବିତା ବାଡ଼ ଘେରୁଥିବା ବେଳେ କମଳାକାନ୍ତ ସେଠାରେ ପହଞ୍ଚି ଏହାକୁ ବିରୋଧ କରିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ବଚସା ହେବା ପରେ ଗଣ୍ଡଗୋଳ ହୋଇ ଉଭୟ ପରିବାରର ୩ ଜଣ ଆହତ ହୋଇଥିଲେ।ଏ ବାବଦରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ଦୁଇଟି ମାମଲା ରୁଜୁ କରି ଉଭୟ ପକ୍ଷରୁ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତ ମାନେ ହେଲେ ବୈରାଗୀ ନାୟକ, ରେବତୀ ନାୟକ, କମଳାକାନ୍ତ ନାୟକ ଏବଂ ରେବତୀ ନାୟକ।

# କବିବର ରାଧାନାଥଙ୍କ ଶ୍ରାଦ୍ଧବାର୍ଷିକୀ ଓ ସାଂସ୍କୃତିକ ସମାରୋହ

ସୋର, ୨୪।୪(ସମିସ) :



ସୋର ପୌରାଞ୍ଚଳ ଅନ୍ତର୍ଗତ ରାଧାନାଥ ସ୍ମୃତି ମଣ୍ଡପ ପରିସରରେ ରାଧାନାଥ ପାଠାଗାର ଆନୁକୂଲ୍ୟରେ ଓଡ଼ିଆ ଆଧୁନିକ ସାହିତ୍ୟର ଯୁଗସ୍ରଷ୍ଟା କବିବର ରାଧାନାଥ ରାୟଙ୍କର ୧୧୬ ତମ ଶ୍ରାଦ୍ଧ ବାର୍ଷିକୀ ଓ ୭୯ ତମ ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ତିନିଦିନ ଧରି ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଆଜି ସକାଳେ ରାଧାନାଥ ପଠାଗାରର ସଭାପତି ତଥା ସୋର ବିଧାୟକ ପର୍ଶୁରାମ ଧଡ଼ାଙ୍କ ଦ୍ୱାରା କେଦାରପୁରସ୍ଥିତ ରାଧନାଥଙ୍କ ଜନ୍ମ ସ୍ଥାନ, ସୋର ଉପେନ୍ଦ୍ର ନାଥ ମହାବିଦ୍ୟାଳୟ ଓ ଡାକ୍ତରଖାନା ଛକ ସ୍ଥିତ ରାଧାନାଥଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ପରେ ରାଧାନାଥ ସ୍ମୃତି ମଣ୍ଡପ ନିକଟରେ ବାର୍ଷିକ ପତାକା ଉତ୍ତୋଳନ ଓ ରାଧାନାଥ ପାଠାଗାରର ଲୋଗୋ ଉନ୍ମୋଚନ କରାଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ରାଧାନାଥ ପାଠାଗାର ଓ ବିଭିନ୍ନ ଅନୁଷ୍ଠାନର କର୍ମକର୍ତା ମାନେ ଉପସ୍ଥିତ ଥିଲେ। ସନ୍ଧ୍ୟା ଅଧିବେଶନରେ ପାଠାଗାର ସଭାପତି ତଥା ବିଧାୟକ ପର୍ଶୁରାମ ଧଡ଼ାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଡ଼. ମନୋରମା ବିଶ୍ୱାଳ ମହାପାତ୍ର, ମୁଖ୍ୟବକ୍ତା ଡ଼. ବାବାଜୀ ଚରଣ ପଟ୍ଟନାୟକ, ବରେଣ୍ୟ ଅତିଥିଭାବେ ଡ଼. ଅର୍ଜୁନ ଚରଣ ମଲିକ ଯୋଗଦେଇ ରାଧାନାଥ ସାହିତ୍ୟର ବିଭିନ୍ନ ବିଭାଗ ଉପରେ ନିଜନିଜର ବକ୍ତବ୍ୟ ରଖିଥିଲେ। ସଭାକାର୍ଯ୍ୟ ପ୍ରାରମ୍ଭରେ ଅତିଥି ମାନେ କବିଙ୍କ ଫଟୋଚିତ୍ର ଏବଂ ନନ୍ଦକିଶୋର ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ଏହି ଅବସରରେ ମୁଖପତ୍ର ଚୈତାଳି ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସନ୍ତୋଷ କୁମାର ଦ୍ୱିବେଦୀ ମଙ୍ଗଳାଷ୍ଟକ ପାଠ କରିଥିବା ବେଳେ ଭାରତୀ ମହାନ୍ତି କବିଙ୍କ ବନ୍ଦନା ଗାନ କରିଥିଲେ। ରାଧାନାଥ ଉପ୍ରା ବିଦ୍ୟାଳୟ ଏବଂ ପୁରୁବାଇ କନ୍ୟାଶ୍ରମର ଅନ୍ତେବାସିନୀ ମାନେ ଭାରତ ଗୀତିକା ଗାନ କରିଥିଲେ। ନିମନ୍ତ୍ରିତ ଅତିଥି ମାନଙ୍କୁ ରାଧାନାଥ ପାଠାଗାର ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ରାଧାନାଥ ସାହିତ୍ୟ ଉପରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ସ୍ତରରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ୨୧ ଜଣ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ସାଧନା କୃତୀ ପୁରସ୍କାର ସହିତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶୈଳବାଳା ପଣ୍ଡା ଓ ଅଧ୍ୟାପକ ମନୀନ୍ଦ୍ର କୁମାର ଦୀକ୍ଷିତ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶେଷରେ ପଠାଗାରର ଉପସଭାପତି ନବକିଶୋର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

# ଭୋଗରାଇରୁ ମତଦାନ କରିବେ ୨, ୩୨, ୩୯ ୯ ଭୋଟର

ଭୋଗରାଇ, ୨୪।୪ (ସମିସ):

ଚଳିତ ବର୍ଷ ଜାରି ରହିଛି ପ୍ରବଳ ଗ୍ରୀଷ୍ମପ୍ରବାହ। ପ୍ରଚଣ୍ଡ ଖରାରେ ସିଝୁଛି ସମଗ୍ର ଦେଶ। ଜନଜୀବନ ଅସ୍ତବ୍ୟସ୍ତ। ତ୍ରାହି ତ୍ରାହି ଡାକୁଛି ଜୀବଜଗତ। ଏଭଳି ସମୟରେ ସମଗ୍ର ଦେଶରେ ଦେଖାଦେଇଛି ନିର୍ବାଚନ ତାତି। ଉଠୁଛି ପଡୁଛି ଗାଁ ଠୁଁ ସହର। ସମଗ୍ର ଦେଶରେ ୭ ଟି ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିଲା ବେଳେ ଶେଷ ୪ ଟି ପର୍ଯ୍ୟାୟରେ ଓଡ଼ିଶାରେ ଉଭୟ ବିଧାନସଭା ଓ ଲୋକସଭା ଆସନ ପାଇଁ ନିର୍ବାଚନ ହେବ। ଓଡ଼ିଶାର ପ୍ରଥମ ତଥା ଦେଶର ୪ର୍ଥ ପର୍ଯ୍ୟାୟ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଶେଷ ତଥା ୭ମ ପର୍ଯ୍ୟାୟ ନିର୍ବାଚନ ଜୁନ ୧ ତାରିଖରେ ହେବାକୁ ଥିଲା ବେଳେ ଏହି ଦିନ ବାଲେଶ୍ୱର ଜିଲ୍ଲାର ବାଲେଶ୍ୱର ଲୋକସଭା ଆସନ ସହିତ ଏହା ଅନ୍ତର୍ଗତ ସପ୍ତଦଶ ବିଧାନସଭାର ୮ଟି ବିଧାନସଭା ଆସନ ପାଇଁ ଭୋଟ ଗ୍ରହଣ ହେବ। ଏହି ଦିନ ୩୬ ନଂ ଭୋଗରାଇ ବିଧାନସଭା ନିର୍ବାଚନ କ୍ଷେତ୍ରରେ ମତଦାନ ହେବ। ଚଳିତ ନିର୍ବାଚନରେ ଭୋଗରାଇର ୫୦ଟି ପଞ୍ଚାୟତରେ ମୋଟ ୨୫୨ ବୁଥରେ ସମୁଦାୟ ୨ ଲକ୍ଷ ୩୨ ହଜାର ୩୯ ୯ ଜଣ ମତଦାନ କରିବେ। ଏଥି ମଧ୍ୟରେ ୧ ଲକ୍ଷ ୧୯ ହଜାର ୫୭ ୯ ଜଣ ପୁରୁଷ ମତଦାତା ଥିଲା ବେଳେ ୧ ଲକ୍ଷ ୧୨ ହଜାର ୮୧୫ ଜଣ ମହିଳା ମତଦାତା ରହିଛନ୍ତି। ଏହାବ୍ୟତୀତ ୫ ଜଣ ଅନ୍ୟାନ୍ୟ ବର୍ଗର ମତଦାତା ରହିଛନ୍ତି। ଏଥିପାଇଁ ମଇ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ପାଇବାକୁ ଥିଲା ବେଳେ ୧୪ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ ହେବ। ୧୫ ତାରିଖରେ ପ୍ରାର୍ଥୀପତ୍ର ଯାଞ୍ଚ ଓ ୧୭ ତାରିଖରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ହେବ। ସେହି ଦିନ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ଜୁନ ୧ ରେ ମତଦାନ ହେବା ପରେ ଜୁନ ୪ ତାରିଖରେ ଗଣତି ହୋଇ ଫଳାଫଳ ଘୋଷଣା ହେବ। ସପ୍ତଦଶ ବିଧାନସଭା ପାଇଁ ଭୋଟ ଗ୍ରହଣ ହେବାକୁ ଥିଲା ବେଳେ ୨ ଲକ୍ଷ ୩୨ ହଜାର ୩୯ ୯ ଜଣ ମତଦାତା ଏଥର ଭୋଗରାଇ ବିଧାନସଭା ନିର୍ବାଚନ କ୍ଷେତ୍ରରୁ ନବମ ବିଧାୟକ ବାଛିବେ। ଭୋଗରାଇରୁ ଅନନ୍ତ ଦାସ ସର୍ବାଧିକ ୪ ଥର ବିଧାୟକ ଭାବେ ନିର୍ବାଚିତ ହୋଇଥିଲା ବେଳେ ଡଃ କାର୍ତ୍ତିକେଶ୍ୱର ପାତ୍ର ଏବଂ ଡାକ୍ତର କମଳା ଦାସ ୩ ଥର ଲେଖାଏଁ, ପ୍ୟାରୀମୋହନ ଦାସ ୨ ଥର ଏବଂ ଉମାରାଣୀ ପାତ୍ର, ସୁଶାନ୍ତ ଚାନ୍ଦ, ଦୁର୍ଗାଶଙ୍କର ଦାସ ଓ ଶଶୀକାନ୍ତ ଭଞ୍ଜ ଥରେ ଲେଖାଏଁ ଭୋଗରାଇ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ। ଏଥର କଂଗ୍ରେସ ପକ୍ଷରୁ ଆଗୁଆ ପ୍ରାର୍ଥୀ ଘୋଷଣା ସରିଛି। କଂଗ୍ରେସ ଦଳ ତୃତୀୟ ଥର ପାଇଁ ସତ୍ୟଶିବ ଦାସଙ୍କୁ ମଇଦାନକୁ ଓହ୍ଲାଇଛି। ଅନ୍ୟପକ୍ଷରେ ବିଜେଡି ଗଡ଼ ଭାବେ ପରିଚିତ ତଥା ଦୀର୍ଘ ୩୪ ବର୍ଷ ଧରି କ୍ରମାଗତ ଜନତା ଦଳ ଓ ପରେ ବିଜୁ ଜନତା ଦଳ ଦଖଲରେ ରହିଆସିଥିବା ଏହି ନିର୍ବାଚନ ମଣ୍ଡଳୀରେ ବିଜେଡି ଦଳ ପକ୍ଷରୁ ଏପର୍ଯ୍ୟନ୍ତ ପ୍ରାର୍ଥୀ ଘୋଷଣା ହୋଇନାହିଁ। ସେହିପରି ତୃତୀୟ ସ୍ଥାନରେ ରହିଆସିଥିବା ବିଜେପି ଦଳ ମଧ୍ୟ ତା'ର ପ୍ରାର୍ଥୀ ଘୋଷଣା କରିନାହିଁ। ଦଳଡିଆଁ ନେତାକୁ ଦଳୀୟ ଟିକେଟ ଦେଇ ପ୍ରାର୍ଥୀ କରିବା ପାଇଁ ବିଜେପି ଅପେକ୍ଷା କରି ବସିଛି ବୋଲି ଆଲୋଚନା ଜୋର ଧରିଛି।

## ହୃଦ୍‌ଘାତରେ ବ୍ୟବସାୟୀଙ୍କ ମୃତ୍ୟୁ

ରୂପସା, ୨୪।୪ (ସମିସ) : ରୂପସା ଥାନା ଅନ୍ତର୍ଗତ ଆଙ୍କୋ ଗ୍ରାମର ବିଶିଷ୍ଟ ବ୍ୟବସାୟୀ ଗୌରହରି ରାଉତ(୫୬)ଙ୍କର ମଙ୍ଗଳବାର ରାତିରେ ହୃଦଘାତଜନିତ ମୃତ୍ୟୁ ଘଟିଛି। ସେ ଘରେ ଖାଇସାରି ଶୋଇଥିଲେ। ହଠାତ ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ବିଛଣାରୁ ଉଠି ବାହାରକୁ ଯିବା ସମୟରେ ସେ ଘରେ ପଡ଼ିଯାଇଥିଲେ। ଚିତ୍କାର ଶୁଣି ପରିବାରଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ରୂପସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ମୃତ ଗୌରହରି ଫୋକସ ପ୍ଲସ ଖବରଦାତା ଚାନସେଲର ରାଉତଙ୍କ ବାପା ଅଟନ୍ତି। ସେ ଦୀର୍ଘ ଦିନ ଧରି ପକ୍ଷାଘାତ ଓ ହୃଦଜନିତ ରୋଗରେ ପୀଡିତ ଥାଇ ଚିକିତ୍ସାଧୀନ ଥିଲେ। ତାଙ୍କ ମୃତ୍ୟୁରେ ରୂପସା ବ୍ୟବସାୟୀ ମହଲ ସମେତ ସ୍ଥାନୀୟ ଅଞ୍ଚଳରେ ଶୋକର ବାତାବରଣ ଖେଳିଯାଇଛି। ଖବର ପାଇ ବସ୍ତା ପ୍ରେସ କ୍ଲବ ସଦସ୍ୟ, ଜନପ୍ରତିନିଧି, ଗ୍ରାମବାସୀ ଓ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମେଡିକାଲରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ଏ ସମ୍ପର୍କରେ ରୂପସା ଥାନା ପୁଲିସ ବୁଧବାର ଏକ ଅପମୃତ୍ୟୁ ମାମଲା ରୁଜୁ କରି ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇଛି। ଏକ ବିଶାଳ ଶୋଭାଯାତ୍ରାରେ ଗ୍ରାମବାସୀ ଓ ଆତ୍ମୀୟ ସ୍ୱଜନ ମର ଶରୀରକୁ ନେଇ ଗାଁ ଶ୍ମଶାନରେ ଶେଷ କୃତ୍ୟ ସମ୍ପନ୍ନ କରିଥିଲେ। ପୁତ୍ର ଚାନସେଲର ମୁଖାଗ୍ନି ଦେଇଥିଲେ।

## ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ରାଜଘାଟ, ୨୪।୪ (ସମିସ) : ସିଂଲା ଥାନା ସାଉଡି ପଞ୍ଚାୟତ ଅନ୍ତର୍ଗତ ଗୋବିନ୍ଦପୁର ଗ୍ରାମରେ ଏକ ଅଘଟଣ ଘଟିଛି। ପରିବାରଲୋକଙ୍କ ଅସାବଧାନତା କାରଣରୁ ପୋଖରୀରେ ବୁଡି ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଛି। ମୃତ ଶିଶୁ କନ୍ୟା ହେଲେ ମନୋଜ କୁମାର ପଟ୍ଟାୟତଙ୍କ ଦେଢ଼ ବର୍ଷର ଝିଅ ଆଲିସ୍କା ରାଣୀ। ମଙ୍ଗଳବାର ସନ୍ଧ୍ୟାରେ ଘରେ ଖେଳୁଥିବା ସମୟରେ ସମସ୍ତଙ୍କ ଅଜାଣତରେ ଶିଶୁ କନ୍ୟା ଜଣକ ଘର ପାଖରେ ଥିବା ପୋଖରୀରେ ବୁଡି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରି ଶିଶୁ କନ୍ୟାକୁ ପୋଖରୀରୁ ଉଦ୍ଧାର କରି ତୁରନ୍ତ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ହେଲେ ସେଠାରେ ଡାକ୍ତର ମୃତ ବୋଲି ଘୋଷଣା କରିଥିଲେ। ଏ ସମ୍ପର୍କରେ ସିଂଲା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ବୁଧବାର ମୃତଦେହ ବ୍ୟବଚ୍ଛେଦ କରାଇଛି।

## ଟିପିଏନ୍‌ଓଡିଏଲ ପକ୍ଷରୁ ସ୍ୱାସ୍ଥ୍ୟ ଶିବିର ଆଜି

**ଜଳେଶ୍ୱର ବ୍ଲକ, ୨୪।୪ (ସମିସ):** ଜଳେଶ୍ୱର ଟିପିଏନଓଡିଏଲ ପକ୍ଷରୁ ଏକ ମାଗଣା ସ୍ୱାସ୍ଥ୍ୟ ଶିବିର ଗୁରୁବାର ପୂର୍ବାହ୍ନରେ ଜମାଲପୁର ବିଶ୍ୱନାଥ ଏକାଡେମୀ ପରିସରରେ ଅନୁଷ୍ଠିତ ହେବ। ଉକ୍ତ ଶିବିର ସକାଳ ୮ ଟା ୩୦ରେ ଆରମ୍ଭ ହୋଇ ଅପରାହ୍ନ ୨ ଘଟିକା ସମୟରେ ଶେଷ ହେବ ଓ ଉକ୍ତ ଶିବିରରେ ଅଭିଜ୍ଞ ବିଶେଷଜ୍ଞମାନେ ପରୀକ୍ଷା ନିରୀକ୍ଷା କରି ଔଷଧ ପ୍ରଦାନ କରାଯିବ ବୋଲି ବିଦ୍ୟୁତ୍ ବିଭାଗ ପକ୍ଷରୁ ସୂଚନା ଦିଆଯିବା ସହ ଏହି ମାଗଣା ସ୍ୱାସ୍ଥ୍ୟ ଶିବିରର ସୁଯୋଗ ନେବା ପାଇଁ ଗ୍ରାହକ ଓ ରୋଗୀ ମାନଙ୍କୁ ଉପସ୍ଥିତ ହେବାକୁ ଅନୁରୋଧ କରାଯାଇଛି।

## ପ୍ରାକ୍ତନ ପ୍ରଧାନ ଆଚାର୍ଯ୍ୟଙ୍କ ବିୟୋଗରେ ଶୋକସଭା



**ଜଳେଶ୍ୱର ବ୍ଲକ, ୨୪।୪ (ସମିସ) :** ଜଳେଶ୍ୱର ସହରରେ ଗଢ଼ି ଉଠିଥିବା ସରସ୍ୱତୀ ଶିଶୁ ମନ୍ଦିରରେ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଶମ୍ଭୁଧର ସିଂହ (୫୮) ବୁଧବାର ସକାଳେ ଅକାଳ ବିୟୋଗ ହୋଇଯାଇଛି। ସେ କିଛି ମାସ ଧରି ଅସୁସ୍ଥ ଥାଇ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ବାଲେଶ୍ୱର ଜିଲ୍ଲା ମିତ୍ରପୁର ଅଞ୍ଚଳର ତିନଦେଶ ଗ୍ରାମର ବାସିନ୍ଦା ଥିଲେ। ସେ ୨୦୦୮ ମସିହାରୁ ୨୦୧୫ ମସିହା ପର୍ଯ୍ୟନ୍ତ ପ୍ରଧାନ ଆଚାର୍ଯ୍ୟ ରୁପେ ସୂଚାରୁରୂପେ ଦାୟିତ୍ୱ ତୁଲାଇ ଥିଲେ। ବିଦ୍ୟାଳୟର ଦୟନୀୟ ଅବସ୍ଥା ବେଳେ ସ୍ୱଳ୍ପ ଦକ୍ଷିଣାରେ ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ଲାଗି ସାଧୁତାର ସହିତ ଅନବରତ ଚେଷ୍ଟିତ ଥିଲେ। ସେ ଆଜୀବନ ଶାକାହାରୀ ଓ ନିଷ୍କାମ ଜୀବନ ବିତାଉ ଥିବା ବେଳେ ଅତ୍ୟନ୍ତ ଛାତ୍ର ଓ ବନ୍ଧୁ ବତ୍ସଳ ଥିଲେ। ବୁଧବାର ପୂର୍ବାହ୍ନରେ ରାଧାରଞ୍ଜନ ବାଗଙ୍କ ପରିଚାଳନାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା। ଅନୁଷ୍ଠାନର ସମସ୍ତ ଗୁରୁଜୀ ଗୁରୁମା, ଅପା, ଛାତ୍ରଛାତ୍ରୀ ସମବେତ ହୋଇ ସ୍ୱର୍ଗତ ଆତ୍ମାଙ୍କ ଉଦ୍ଦେଶ୍ୟରେ ୩ ମିନିଟ ନିରବ ପ୍ରାର୍ଥନା କରିଥିଲେ। ତାଙ୍କ ବିୟୋଗରେ ଅନୁଷ୍ଠାନର ସଭାପତି ତଥା ପ୍ରାକ୍ତନ ଅଧ୍ୟକ୍ଷ ଜିତାରାମ ଦେ, ସମ୍ପାଦକ ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, ଉପସଭାପତି ଗୌରୀ ଶଙ୍କର ଦାସ, ହରିଶଙ୍କର ରାଜ, ରଞ୍ଜିତ କୁମାର ସାହୁ, ନରହରି ବେହେରା, ସମୀର ପରିଡ଼ା, ଅଜୟ କୁମାର ବାଗ, ଅରବିନ୍ଦ ଘୋଷ, ଶୁଭ୍ରାଂଶୁ ମହାନ୍ତି, ସୁଚିସ୍ମିତା ଗନ୍ତାୟତ, ଅଜିତ ପଣ୍ଡା, ଦେବୀ ଦାସ ମହାପାତ୍ର, ସଂଗିତା ଶତପଥୀ, ଉମା ଶଙ୍କର ପାଳ, ସାମ୍ବାଦିକ ଅବନୀ କୁମାର ଚାନ୍ଦ, ଦୁର୍ଗା ଶଙ୍କର ଗିରି ଓ ବହୁ ଅଭିଭାବକ ଅଭିଭାବିକା ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

## ଜଳେଶ୍ୱର ନିର୍ବାଚନ ମଣ୍ଡଳୀ

### କଂଗ୍ରେସ ପ୍ରାର୍ଥୀ ଚୟନ ନେଇ ଆଶାଆଶଙ୍କାରେ ନେତା ଓ କର୍ମୀ

**ଜଳେଶ୍ୱର ବ୍ଲକ, ୨୪।୪ (ସମିସ) :** ଜଳେଶ୍ୱର ବିଧାନସଭା ନିର୍ବାଚନ ମଣ୍ଡଳୀ ପାଇଁ ବିଜେଡି ଓ ବିଜେପି ଦଳର ଦଳୀୟ ପ୍ରାର୍ଥୀ ଚୟନ ହୋଇ ସାରିଥିବା ବେଳେ ଜଳେଶ୍ୱର କଂଗ୍ରେସ ପ୍ରାର୍ଥୀ ଚୟନ ଏ ପର୍ଯ୍ୟନ୍ତ ହୋଇ ନାହିଁ। ଯାହାକି ଦଳୀୟ ନେତା ଓ କର୍ମୀ ମାନେ ଆଶା ଆଶଙ୍କା ରେ ଅଛନ୍ତି। ପ୍ରାର୍ଥୀ ଘୋଷଣା ବିଳମ୍ବ ହେଉ ଥିବାରୁ କେତେକ କର୍ମୀ ଦଳ ଡିଆଁ କରୁଥିବା ବେଳେ ଅନ୍ୟ କେତେକ କର୍ମୀ ପ୍ରାର୍ଥୀ ଘୋଷଣାକୁ ଅପେକ୍ଷା କରିଥିବା ଜଣା ପଡ଼ିଛି। ଦଳୀୟ ଟିକଟ ମିଳିବା ପରେ କେତେକ କର୍ମୀ କ'ଣ କରିବେ ନିଷ୍ପତ୍ତି ନେବେ ବୋଲି କୁହାଯାଉଛି।୨୦୦୯ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳରୁ ଦେବୀ ପ୍ରସନ୍ନ ଚାନ୍ଦ ୫୯ ହଜାର ୬୮ ୫ ଖଣ୍ଡ ଭୋଟ ପାଇ ବିଜୟୀ ହୋଇ ଜଳେଶ୍ୱର ବିଧାୟକ ହୋଇଥିଲେ। ୨୦୧୪ ସାଧାରଣ ନିର୍ବାଚନରେ କଂଗ୍ରେସ ଦଳରୁ ଦେବୀ ପ୍ରସନ୍ନ ଚାନ୍ଦ ୫୨ ହଜାର ୨୨୨ ଖଣ୍ଡ ପାଇ ପରାଜିତ ହୋଇଥିଲେ ଓ ବିଜେଡି ପ୍ରାର୍ଥୀ ଅଶ୍ୱିନୀ କୁମାର ପାତ୍ର ୮୬ ହଜାର ୮୪ ଖଣ୍ଡ ଭୋଟ ବିଜୟୀ ହୋଇଥିଲେ। ପରେ ଦେବୀ ପ୍ରସନ୍ନ ଚାନ୍ଦ କଂଗ୍ରେସ ଦଳ ଛାଡିଥିବା ବେଳେ ଜଳେଶ୍ୱର କଂଗ୍ରେସ ଦଳର ମଙ୍ଗ ଧରିଥିଲେ ସୁଦର୍ଶନ ଦାସ। ଗତ ୨୦୧୯ ସାଧାରଣ ନିର୍ବାଚନରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀରୁ କଂଗ୍ରେସ ଦଳରୁ ରାଜ୍ୟ ପ୍ରବକ୍ତା ସୁଦର୍ଶନ ଦାସ ପ୍ରାର୍ଥୀ ହୋଇ ମୋଟ ୩୫ ହଜାର ୨୬ ଖଣ୍ଡ ଭୋଟ ପାଇ ତୃତୀୟ ସ୍ଥାନରେ ରହିଥିଲେ। ଏବେ କିନ୍ତୁ ପୂର୍ବତନ ବିଧାୟକ ଦେବୀ ପ୍ରସନ୍ନ ଚାନ୍ଦ ପୁଣି ଦଳକୁ ଘର ବାହୁଡ଼ା ହେବା ପରେ ଟିକଟ ପାଇବା ଆଶାରେ ରହିଛନ୍ତି। ମାତ୍ର ଦେବୀ ପ୍ରସନ ଚାନ୍ଦ ଦଳ ତ୍ୟାଗ କରିବା ପରେ ସୁଦର୍ଶନ ଦାସ ଦଳର ବିଭିନ୍ନ କାର୍ଯ୍ୟକ୍ରମ ଚାଲୁ ରଖିଥିବା ବେଳେ ସେ ମଧ ଟିକଟ ପାଇବା ଆଶାରେ ରହିଛନ୍ତି। କିନ୍ତୁ ଉଭୟଙ୍କ ସମର୍ଥକ ଉଭୟଙ୍କ ପାଇଁ ଆଶାବାଦୀ ଥିବା ଦେଖିବାକୁ ମିଳିଛି। ବିଜେଡି ଓ ବିଜେପି ଆଗୁଆ ବିଧାୟକ ପ୍ରାର୍ଥୀ ଘୋଷଣା କରି ପ୍ରଚାର ପ୍ରସାର ଜୋରଦାର କରିଥିବା ବେଳେ କଂଗ୍ରେସ ଦଳ ଦାଦୁଲ୍ୟମାନ ସ୍ଥିତିରେ ରହିଛି।

## ହାତୀ ଉପଦ୍ରବରେ ଅତିଷ୍ଠ ବସ୍ତା ସୀମାନ୍ତ ଗ୍ରାମବାସୀ

**ବସ୍ତା ବ୍ଲକ, ୨୪।୪ (ସମିସ) :** ବାଲେଶ୍ୱର- ମୟୂରଭଞ୍ଜ ସୀମାନ୍ତରେ ବଣୁଆ ହାତୀ ପଲଙ୍କ ଉପଦ୍ରବ ଅଞ୍ଚଳ ବାସୀଙ୍କ ନିଦ ହଜେଇ ଦେଇଛି। ମଧ୍ୟରାତ୍ରିରେ ହାତୀ ପଲ ଗ୍ରାମ ଭିତରକୁ ପଶିବା ଦ୍ୱାରା ଲୋକେ ଭୟରେ ରହୁଥିବା ବେଳେ ଅନ୍ୟ ପକ୍ଷେ ହାତୀ ପଲ ଧାନ ବିଲ ଭିତରକୁ ପଶି ପାଚିଲା ଧାନ କ୍ଷେତକୁ ଦଳି ମକଚି ବ୍ୟାପକ କ୍ଷତି କରୁଛନ୍ତି। ହାତୀ ପଲକୁ ବଣକୁ ଫେରାଇ ନେବା ପାଇଁ ବନ ବିଭାଗ ଅସମର୍ଥ ନେଇ ଚାଷୀ ମୁଣ୍ଡରେ ଚଡ଼କ ପଡ଼ିଛି। ବିଲରେ ରବି ରୁତୁ ର ଧାନ ପାଚିବାକୁ ବସିଥିବା ବେଳେ ହାତୀ ପଲଙ୍କ ଉତ୍ପାତ ଚାଷୀ ଓ ସୀମାନ୍ତ ବର୍ତ୍ତି ଗ୍ରାମ ବାସୀ ମୁଣ୍ଡରେ ହାତ ଦେଇ ବାସୀ ଛନ୍ତି। ପ୍ରକାଶ ଯେ, ଝାଡ଼ଖଣ୍ଡ ହାତୀ ପଲ ମୟୂରଭଞ୍ଜ ଜିଲ୍ଲା ରାସଗୋବିନ୍ଦପୁର ବନାଞ୍ଚଳର ସୀମାନ୍ତଗ୍ରାମ କମାରଡିହା ଗ୍ରାମରେ କିଛି ଦିନ ଉତ୍ପାତ କରି ଥିବା ବେଳେ ଲୋକେ ହାତୀ ପଲକୁ ଘଉଡାଇ ଦେଇଥିଲେ। ଏହି ହାତୀ ପଲ ନରଙ୍ଗାବାଜଠାରେ ରେଳ ଧାରଣା ପାରି ହୋଇ ବସ୍ତା ବ୍ଲକର ବ୍ରାହ୍ମଣଦା ପଞ୍ଚାୟତର ବ୍ରାହ୍ମଣ- ଦା, ମୁଳିଦା, କୁଣ୍ଡପୁର, ହଳଦୀଆ ପଡ଼ା, ପଥୁରିଆ ଗ୍ରାମରେ ପଶି ଚାଷ ବିଲ ର ମାଡିଦଳି ନଷ୍ଟ କରିବା ସହ ଧାନ ସବୁ ଖାଇ ଦେଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ହାତୀ ପଲରେ ୪୦ରୁ ଅଧିକ ହାତୀ ଥିବା କୁହା ଯାଉଛି। ରାତିରେ ହାତୀ ସବୁ ଅଲଗା ଅଲଗା ଦଳ ହୋଇ ପଶୁଛନ୍ତି। ଦୀର୍ଘ ୨ ବର୍ଷ ଧରି ଗୋଟିଏ ହାତୀ ଖୁଣ୍ଟା ଶାଳ ଜଙ୍ଗଲରେ ରହି ବସ୍ତା ବ୍ଲକ ପତ୍ରଝଡ଼ା ପଞ୍ଚାୟତରେ ପରିବା ଚାଷ ନଷ୍ଟ କରିବା ସହ ଘର ଭଙ୍ଗାରୁଜା କରୁଥିବା ବେଳେ ଏବେ ୪୦ ଅଧିକ ହାତୀଙ୍କ ଦୌରାତ୍ମ୍ୟ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବନ ବିଭାଗ ହାତ ବାନ୍ଧି ବସି ଥିବା ବେଳେ ଏହାର ସ୍ଥାୟୀ ସମାଧାନ ପାଇଁ ଲୋକେ ଦାବି କରିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରୀ ଅନୁକମ୍ପା ମୂଳକ ଅର୍ଥ ରାଶି ପ୍ରଦାନ ପାଇଁ ଦାବି ହୋଇଛି।



ନଷ୍ଟ କରୁଛନ୍ତି ପାଚିଲା ଧାନ କ୍ଷେତ

## ଚନ୍ଦନେଶ୍ୱରରେ ଆମ୍ବ ୧୦୦ ଟଙ୍କା

ଚନ୍ଦନେଶ୍ୱର, ୨୪।୪(ସମିସ) : ବାଲେଶ୍ୱର ଜିଲ୍ଲା ଭୋଗରାଇର ଚନ୍ଦନେଶ୍ୱର ବାଣିଜ୍ୟକ କେନ୍ଦ୍ରକୁ ଚଳିତ ବର୍ଷ ଏପ୍ରିଲ ଚତୁର୍ଥ ସପ୍ତାହରେ ପହଂଚିଯାଇଛି ପାଚିଲା ଆମ୍ବ। ଏହା ଆସିଛି ଆନ୍ଧ୍ରପ୍ରଦେଶର ରାମଭଦ୍ରପୁରମ, ବିଜୟନଗରମ, ଗଜପତିନଗରମ ଅଞ୍ଚଳରୁ। ଚନ୍ଦନେଶ୍ୱରର ବିଭିନ୍ନ ଫଳ ଦୋକାନ ସହ ଉଠାଦୋକାନରେ ବି ବିକ୍ରୀ ଆରମ୍ଭ ହୋଇଛି। ଚଳିତ ବର୍ଷ ପ୍ରଥମ ପର୍ଯ୍ୟାୟରେ ପାଚିଲା ଆମ୍ବ ଆସିଥିବାରୁ ଏହାର ଚାହିଦା ରହିଛି। କିଲୋ ୧୦୦ଟଙ୍କା ରହିଥିଲେ ବି ଲୋକଙ୍କ ଖାତିର ନାହିଁ। ଭଲ ବିକ୍ରି ହୋଇଛି ବୋଲି ଫଳ ବ୍ୟବସାୟୀମାନେ କହିଛନ୍ତି। ଏବେ ଦର ଅଧିକା ରହିଥିବାରୁ ପାଚି ନଥିଲେ ହେଁ ଗ୍ୟାସ୍ ଓ କାରବାଇଡ୍ କେମିକାଲ ବ୍ୟବହାର କରି ପଚାଯାଉଛି। ଆନ୍ଧ୍ର ଆମ୍ବ ମିଠା ରହିଥିବାରୁ ଚାହିଦା ବି ଅଧିକା ରହୁଛି। ଚଳିତ ମାସର ଶେଷ ଆଡକୁ କିମ୍ବା ମେ ପ୍ରଥମ ସପ୍ତାହରେ ସ୍ଥାନୀୟ ଅଞ୍ଚଳର ଆମ୍ବ ବଜାରକୁ ଆସିବ ବୋଲି କିଛି ବ୍ୟବସାୟୀ କହିଛନ୍ତି। ସମସ୍ତ ଖର୍ଚ୍ଚ ଯାଇ ୨୦ରୁ ୨୫ଟଙ୍କା ଲାଭ ମିଳିବ ବୋଲି ଏମାନେ କହିଛନ୍ତି। ତେବେ ଭୀଷଣ ଗରମ ସାଙ୍ଗକୁ ଅଧିକା ଦିନ ରହିଲେ ଖରାପ ହେବା ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ନଷ୍ଟ ହେବା ପୂର୍ବରୁ ହିଁ ବିକ୍ରି କରିଦେବା ଆଶା ରଖିଛନ୍ତି ବ୍ୟବସାୟୀ। ସମ୍ପ୍ରତି ବଜାରରେ ବାଇଗଣପଲ୍ଲୀ, ଆମ୍ରପଲ୍ଲୀ ଓ ବାରମାସୀ ଆମ୍ବ ଆସିଥିବା କହିଛନ୍ତି ରଶ୍ମିତା ପଣ୍ଡା, ନିମାୟ ଚରଣ ଦାସ, ଗୋବିନ୍ଦ ଦାସ, ରେହାନ ବିବି, ଆଦିତ୍ୟ କୁମାର ଦାସ ପ୍ରମୁଖ ଆମ୍ବ ବ୍ୟବସାୟୀ।



## ପାଉଁଶକୁଲିରେ ରକ୍ତଦାନ ଶିବିର

ରାଜଘାଟ, ୨୪।୪(ସମିସ) : ଗ୍ରୀଷ୍ମ ପ୍ରବାହ ହେତୁ ଜିଲ୍ଲା ରକ୍ତ ଭଣ୍ଡାରରେ ରକ୍ତର ଅଭାବ ରହୁଥିବାରୁ ଆଜି ବସ୍ତା ବ୍ଲକ ପାଉଁସକୁଲି ପଞ୍ଚାୟତର ପାଉଁଶକୁଲି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତରଖାନା ପରିଚାଳନା କମିଟି ତରଫରୁ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବରେ ଜଳେଶ୍ୱର ନିର୍ବାଚନ ମଣ୍ଡଳୀର ନେତା ଦିବ୍ୟକାମ ମହାନ୍ତି, ସମ୍ମାନିତ ଅତିଥି ପାଉଁଶକୁଲି ସରକାରୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡାକ୍ତର କୌଶିକ ରାୟ, ରକ୍ତଦାନ ଶିବିରର ମୁଖ୍ୟ ସଂଯୋଜକ ଜ୍ୟୋତିର୍ମୟ ନନ୍ଦ ଶିବିରକୁ ଉଦଘାଟନ କରିଥିଲେ। ଡାକ୍ତର ସତିଶ ଚନ୍ଦ୍ର ଜେନା ରକ୍ତଦାତାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରୁଥିବାବେଳେ ଟେକ୍ନିସିଆନ ଦେବାଶିଷ ଦତ୍ତ ଏବଂ ପ୍ରଭାତ ବାରିକ ରକ୍ତ ସଂଗ୍ରହ କରିଥିଲେ। ଶୁଭ୍ରଜିତ ପରିଡ଼ା, ବିଶ୍ୱଜିତ ଧଳ, ଚୈତନ୍ୟ ଜେନା, ଅଲମ୍ପିକ ଜେନା, କ୍ଷିତିଶ ଚନ୍ଦ୍ର ପଣ୍ଡା, ନାରାୟଣ ଚନ୍ଦ୍ର ଦତ୍ତ, କାର୍ତ୍ତିକ ଚନ୍ଦ୍ର ସୁର, ଦିଗାମ୍ବର ପ୍ରଧାନ ଏବଂ ଅନ୍ୟମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଉକ୍ତ ରକ୍ତଦାନ ଶିବିରରୁ ମୋଟ ୨୪ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା।

## ବିଶ୍ୱ ଶ୍ରମିକ ଦିବସ ପାଳନ ପ୍ରସ୍ତୁତି ବୈଠକ

ଜଳେଶ୍ୱର ବ୍ଲକ, ୨୪।୪ (ସମିସ) : ପ୍ରତିବର୍ଷ ଭଳି ଚଳିତବର୍ଷ ମଇ ପହିଲାରେ ଶ୍ରମିକ ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଶିକ୍ଷକ ଶ୍ରମିକ କର୍ମଚାରୀ ସମନ୍ୱୟ ସମିତି ପକ୍ଷରୁ ଜୀବନ ବୀମା ଅଫିସ ପରିସରରେ ଅନୁଷ୍ଠିତ ହୋଇ ଯାଇଛି। ପୁଞ୍ଜିବାଦ ଓ କର୍ପୋରେଟର ମାନଙ୍କର ମିଳିତ ଗଠବନ୍ଧନରେ ଶ୍ରମିକ କର୍ମଚାରୀ ଓ ସାଧାରଣ ଜନତା ଆଜି ଶୋଷିତ ଓ ଅସୁରକ୍ଷିତ। ୯୦ ଭାଗ ଅଣ ସଂଗଠିତ ଶ୍ରମିକ କର୍ମଚାରୀ ଘୋର ଦୁର୍ଦ୍ଦିନ ମଧ୍ୟକୁ ଠେଲି ହୋଇ ଯାଉଛନ୍ତି। ସଂଗଠିତ ଆନ୍ଦୋଳନକୁ ଜାତି, ଧର୍ମ ନାମରେ ବିଭାଜିତ କରା ଯାଉଛି। ଏହା ବିରୋଧରେ ଐକ୍ୟବଦ୍ଧ ଆନ୍ଦୋଳନ ଗଢ଼ି ତୋଳିବା ପାଇଁ ସମସ୍ତ ଟ୍ରେଡ଼ ୟୁନିଅନର ନେତୃତ୍ୱ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଏକ ଆଲୋଚନାଚକ୍ର ମଇ ପହିଲା ଅପରାହ୍ନରେ ନୂଆବଜାର ସ୍ଥିତ ଭଞ୍ଜଭବନରେ ଅନୁଷ୍ଠିତ ହେବ। ଏହି ଆଲୋଚନାଚକ୍ରରେ ଖ୍ୟାତନାମା ପ୍ରଫେସର ଡ. ବିଜୟ ବହିଦାର ଓ ଅନ୍ୟମାନେ ଯୋଗଦେବେ। ମେ ପହିଲା ସକାଳେ ସମସ୍ତ ଟ୍ରେଡ ୟୁନିଅନ ମାନଙ୍କର ଲାଲ ପତାକା ଉତୋଳନ ହେବ। ବୈଠକରେ ସମନ୍ୱୟ ସମିତିର ସଭାପତି ଅଜିତ ଦାସ ସଭାପତିତ୍ୱ କରିଥିଲେ। ପ୍ରଥମେ ସମ୍ପାଦକ ଦିଲ୍ଲିପ କୁମାର ଗିରି ସାମ୍ପ୍ରତିକ ପରିସ୍ଥିତି ସମ୍ପର୍କରେ ବକ୍ତବ୍ୟ ଦେଲା ପରେ ଶିଶିର କୁମାର ଦୁଇ, ସିତାଂଶୁ ସେନାପତି, ସୁଧୀର ମହାନ୍ତି, ପ୍ରଫୁଲ୍ଲ ଦାସ, ପଞ୍ଚାନନ ପୋଥାଳ, ଦିପ୍ତିମାନ ଆଚାର୍ଯ୍ୟ, କମଳ ଚକ୍ରବର୍ତ୍ତୀ, ପଲଟୁ ଦାସ, ଡ. ଅଜିତ କୁମାର ମହାନ୍ତି, ମନୋରଞ୍ଜନ ଦାସ, ଭାସ୍କର ଚନ୍ଦ୍ର ମିଶ୍ର, ରତନ ଦାସ, ଚନ୍ଦନ କାମିଳା, ଜୀବନ ପରିଡ଼ା, ଶେଖ ନଜିମୁଦ୍ଦିନ, ସବିତା ଭୂୟାଁ, ଶେଖ ଜମିରୁଦ୍ଦିନ, ପ୍ରଫୁଲ୍ଲ ମହାନ୍ତି, କିଶୋର ଚନ୍ଦ୍ର ସାହୁ, ନିମାଇଁ ଖଟୁଆ, ମୃତ୍ୟୁଞ୍ଜୟ ସାହୁ, ପୂର୍ଣ୍ଣଚନ୍ଦ୍ର ସି, ରାଜେନ୍ଦ୍ର ମୁର୍ମୁ, ହରି ନାରାୟଣ ଜେନା ପ୍ରମୁଖ ବକ୍ତବ୍ୟ ପ୍ରଦାନ କରିଥିଲେ।

## ସମୁଦ୍ରକୁ ଛଡ଼ାଗଲା ୩୦୫ ଅଲିଭ୍ ରିଡ୍‌ଲେ କଇଁଛ ଶାବକ

ଚନ୍ଦନେଶ୍ୱର, ୨୪।୪(ସମିସ) :

ଭଗବାନଙ୍କ ଅପୂର୍ବ ସର୍ଜନା, ମାଆ କଇଁଛ ସମୁଦ୍ର ବେଳାଭୂମିରେ ପୋତି ଦେଇ ଯାଇଥିଲା ଅଣ୍ଡା ଆଉ ଏବେ କଇଁଛ ଶାବକ ସବୁ ମାଆ କୋଳକୁ ଫେରି ଯାଉଛନ୍ତି। ବାଲେଶ୍ୱର ଜିଲ୍ଲା ଭୋଗରାଇ ବ୍ଲକ ଉଦୟପୁର ବନ ବିଭାଗ ଅଧିନ ନାରାୟଣ ମହାନ୍ତି ପଡ଼ିଆ ପଞ୍ଚାୟତର ଦାଣ୍ଡି ସମୁଦ୍ର ବେଳାଭୂମିରେ ବିରଳ ଅଲିଭରିଡ଼ଲେ କଇଁଛ ଶାବକ ମାନଙ୍କୁ ସମୁଦ୍ର ଗର୍ଭରେ ଛଡ଼ା ଯାଇଥିବାର ବନବିଭାଗ ପକ୍ଷରୁ ସୂଚନା ମିଳିଛି। ସୂଚନା ମୁତାବକ, ବାଲେଶ୍ୱର ବନ୍ୟପ୍ରାଣୀ ବନଖଣ୍ଡ ଅଧିକାରିଣୀ ତଥା ଜଳେଶ୍ୱର ରେଞ୍ଜର ଜୟଶ୍ରୀ ମୁର୍ମୁଙ୍କ ନିର୍ଦ୍ଦେଶରେ ଉଦୟପୁର ବନପାଳ ସଞ୍ଜୟ କୁମାର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ସକାଳେ ପ୍ରଥମ ପର୍ଯ୍ୟାୟରେ ନାରାୟଣ ମହାନ୍ତି ପଡ଼ିଆ ଦାଣ୍ଡି ସମୁଦ୍ର ବେଳାଭୂମିରେ ୩୦୫ ଅଲିଭ ରିଡ଼ଲେ କଇଁଛ ଛଡ଼ାଯାଇଛି। ଉଦୟପୁର- ତାଳସାରି, ନାରାୟଣ ମହାନ୍ତି ପଡ଼ିଆ ଦାଣ୍ଡି, କାର୍ତ୍ତିକିଆ, ମୁରଲୀଚଢ଼ ଆଦି ସମୁଦ୍ର ବେଳାଭୂମି ଅଲିଭ ରିଡ଼ଲେ କଇଁଛର ଅଣ୍ଡା ଦେବା ପାଇଁ ଉପଯୁକ୍ତ ଓ ସୁରକ୍ଷିତ ସ୍ଥାନ ହୋଇଥିବାରୁ ବିଗତବର୍ଷ ଅପେକ୍ଷା ଚଳିତ ଥର ଅଧିକ ସଂଖ୍ୟାରେ ୩୦ଟି ଅଲିଭ ରିଡ଼ଲେ ମାଆ କଇଁଛ ଅଣ୍ଡା ଦାନ କରିବାକୁ ଆସିଥିଲେ। ସେହି ଅଣ୍ଡା ଗୁଡିକୁ ପର୍ଯ୍ୟାୟକ୍ରମେ ବନ ବିଭାଗ ପକ୍ଷରୁ ସଂଗ୍ରହ କରାଯାଇ ଅସ୍ଥାୟୀ ହାଚେରୀରେ ରଖାଯାଇଥିଲା ବେଳେ ପ୍ରାୟ ୫୦ଦିନ ପରେ ପ୍ରଥମ ପର୍ଯ୍ୟାୟରେ ୩ଟି ହାଚେରୀରୁ ୩୨୦ଟି ଅଣ୍ଡା ମଧ୍ୟରୁ ୩୦୫ଟି ଶାବକ ଜନ୍ମନେଇଥିଲା। ଉକ୍ତ ଶାବକ ଗୁଡିକୁ ବନବିଭାଗ ପକ୍ଷରୁ ଦାଣ୍ଡି ସମୁଦ୍ର ବେଳାଭୂମିରେ ଛଡ଼ାଯାଇଥିଲା। ଏହି କାର୍ଯ୍ୟକ୍ରମରେ କଇଁଛ ଜଗୁଆଳି ମାନେ ଉପସ୍ଥିତ ଥିଲେ।



